ସକାଳ THE SAKALA



## ଭଗବତୀପଡ଼ା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ପ୍ରତିଷ୍ଠା ଦିବସ



**କଣାସ,୭।୨(ସମିସ):** କଣାସ ବ୍ଲକ୍ ଅନ୍ତର୍ଗତ ଦିବ୍ୟସିଂହପୁର ପଞ୍ଚାୟତ ତଇଲା ଭଗବତୀପଡ଼ା ଗ୍ରାମରେ ପ୍ରତିଷ୍ଠିତ ତଇଲା ଭଗବତୀପଡ଼ା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ୭୩ତମ ପ୍ରତିଷ୍ଠା ଦିବସ ତଥା ଶିଶୁ ପ୍ରତିଭା ସମ୍ମାନ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରତାପ କେଶରୀ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ ବେହେରା, ପୂର୍ବତନ ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ, ପୂର୍ବତନ ସହଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା, ବୀରକିଶୋର ପ୍ରଧାନ, କାଶୀନାଥ ପାଣିଗ୍ରାହୀ, ସରପଞ୍ଚ ଝରଣା ମିଶ୍ର, ସୁବାସିନୀ ଦେଇ, ପରିଚାଳନା କମିଟି ଅଧକ୍ଷ ନିର୍ମଳ କୁମାର ମାଝୀ, ସାର୍ଆର୍ସିସି ଅଜୟ ବେହେରା, ପ୍ରହ୍ଲାଦ ମାନସିଂହ, ଭାଗିରଥି ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଭାରତୀୟ ଶିକ୍ଷା ଓ ପରମ୍ପରାକୁ ନିଜ ଜୀବନ ଭିତରକୁ ଆଣିପାରିଲେ ଜଣେ ଭଲ ମଣିଷ ହୋଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ବିଭାଗ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୦୧ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ସାରଥୀ ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁମନ୍ତ କୁମାର ବେହରା ଓ ପ୍ରଭାତୀ ବରାଳ, ଈଶ୍ୱର ଚନ୍ଦ୍ର ମାଝୀ, ପ୍ରଦୀପ ପ୍ରଧାନଙ୍କ ସମେତ କମିଟି ସଦସ୍ୟ ଓ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଚଉଦ ମୌଜା ବିଦ୍ୟୁତ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**କଣାସ,୭।୨(ସମିସ):** କଣାସ ବ୍ଲକ୍ ଗଡ଼ସାନପୁଟ ପଞ୍ଚାୟତରେ ପ୍ରତିଷ୍ଠିତ ଚଉଦ ମୌଜା ବିଦ୍ୟୁତ ମହାବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଶନିବାର ମହାବିଦ୍ୟାଳୟ ପରିସରରେ ଅଧକ୍ଷ ବିଷ୍ଣୁ ପ୍ରସାଦ ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଶିକ୍ଷାବିତ୍ ରବିନ୍ଦ୍ର କୁମାର ସାମନ୍ତରାୟ ଯୋଗଦେଇ ପ୍ରଥମେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ଅଧକ୍ଷ ଶ୍ରୀ ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହୋଇ ପାଠପଢ଼ି ଜଣେ ଜଣେ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଶର୍ମିଷ୍ଠା ଛୁଆଲସିଂହ, ରାମଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସଂଗ୍ରାମ କେଶରୀ ଭୂଜବଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସୋସିଆଲ ମିଡିଆରେ ଜୀବନରେ ଘଟୁଥିବା ଘଟଣାକୁ ଆଲୋକପାତ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲାସ୍ତର ଓ ରାଜ୍ୟସ୍ତରରେ ପ୍ରତିଯୋଗିତା ମାଧ୍ୟମରେ ପହଞ୍ଚାଇବା ପାଇଁ ଉତ୍ସାହିତ କରାଯାଇଥିବାରୁ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ନିର୍ମାଲ୍ୟ ନର୍ସିଂ ହୋମ୍‌ର ବାର୍ଷିକ ଉତ୍ସବ ଓ ରକ୍ତଦାନ ଶିବିର

**ନିମାପଡ଼ା,୭।୨(ସମିସ):** ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିର୍ମାଲ୍ୟ ନର୍ସିଂ ହୋମ୍‌ର ଚତୁର୍ଥ ବାର୍ଷିକ ଉତ୍ସବ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ଛଣିଜଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ଅଜୟ କୁମାର ପରିଡ଼ା, ବରିଷ୍ଠ ଆଇନଜୀବୀ ଜୟଦେବ ମିଶ୍ର, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ଚାରିଛକ ବଜାର କମିଟି ସଭାପତି ସନ୍ତୋଷ କୁମାର ପରିଡ଼ା, ଡା. କୈଳାଶ ଚନ୍ଦ୍ର ଦାଶ, ଡା. ପୁଲକ୍ ରଞ୍ଜନ ପଣ୍ଡା, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ସାହୁ, ଚାରିଛକ ଥାନା ଏସ୍ଆଇ କୃଷ୍ଣ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ଡାକ୍ତର ଓ କର୍ମଚାରୀମାନଙ୍କ ସେବା ମନୋଭାବ ପାଇଁ ଏଠାରେ ଅନେକ ରୋଗୀ ଉତ୍ତମ ସେବା ପାଇପାରୁଛନ୍ତି। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ନର୍ସିଂ ହୋମ୍ ଏମ୍‌ଡି ବିଶ୍ୱଜିତ୍ ମହାନ୍ତି ଓ ଛବି ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ନିରଞ୍ଜନ ପଳତା ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନର୍ସିଂ ହୋମ୍‌ର ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।




ନବ ବିବାହିତା ମହିଳା ନିଖୋଜ

# ରାସ୍ତା ଅବରୋଧ କଲେ ବାପ ଘର ଲୋକେ

**କଣାସ,୭।୨(ସମିସ):**

କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ କାଳିଘଡ଼ି ଗ୍ରାମରେ ଜନୈକା ନବ ବିବାହିତା ମହିଳା ନିଖୋଜ ଥିବାକୁ ନେଇ ବାପ ଘର ଲୋକଙ୍କ ପକ୍ଷରୁ ଚୁପୁରିଙ୍ଗ ନିକଟ ନୂଆ ଜଗନ୍ନାଥ ସଡ଼କକୁ ଟାୟାର ଜାଳି ଅବରୋଧ କରିଛନ୍ତି। ଶାଶୂ ଘର ପକ୍ଷରୁ ଏକ ନିଖୋଜ ମାମଲା ରୁଜୁ ହୋଇଥିବାବେଳେ ବାପ ଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି।

ପ୍ରକାଶ ଯେ, କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ କାଳିଘଡ଼ି ଗ୍ରାମର ରାମ ପାତ୍ରଙ୍କ ଝିଅ ଦୁଃଖିନା ପାତ୍ର ୩ ମାସ ତଳେ ନିକଟବର୍ତ୍ତୀ ସୁନାଖଳା ଗ୍ରାମର ବ୍ରଜ



ଚମ୍ପତିଙ୍କ ପୁତ୍ର ଟୁଲୁ ଚମ୍ପତିଙ୍କୁ ବିବାହ କରିଥିଲେ। ଶୁକ୍ରବାର ରାତିରେ ଦୁଃଖିନୀ କେଉଁଆଡ଼େ ପଳାଇ ଯାଇଥିବା ନେଇ ତାଙ୍କ ଶଶୁର ବ୍ରଜ ଚମ୍ପତି ଶନିବାର ଗଡ଼ିଶାଗୋଦା ଥାନରେ ଏତଲା ଦେଇଛନ୍ତି। ଗଡ଼ିଶାଗୋଦା ଥାନା ଅଧିକାରୀ ଏକ ମିସ୍ କେସ୍ ଦାୟର କରିବା ସହିତ ଦୁଃଖିନୀଙ୍କ ଶାଶୂ ଓ ଶଶୁରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଇଛନ୍ତି। ଅନ୍ୟପକ୍ଷରେ ଦୁଃଖିନୀଙ୍କ ବାପା ରାମ ପାତ୍ର ତାଙ୍କ ଝିଅକୁ ମାରି ଦିଆଯାଇଥିବା ନେଇ ଏକ ଅଭିଯୋଗ ଗଡ଼ିଶାଗୋଦା ଥାନାରେ ଦେବା ସହିତ ବାପ ଘର ଲୋକେ ଚୁପୁରିଙ୍ଗ ନିକଟ ନୂଆ ଜଗନ୍ନାଥ ସଡ଼କକୁ ଟାୟାର ଜାଳି ଅବରୋଧ କରିଛନ୍ତି। ଝିଅକୁ ଖୋଜି ବାହାର କରିବା ପାଇଁ ସେ ଦାବି କରି ବସି ରହିଛନ୍ତି। ଘଟଣାସ୍ଥଳରେ ଗଡ଼ିଶାଗୋଦା ଥାନା ଅଧିକାରୀ ଓ କଣାସ ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ ପହଞ୍ଚି ଅବରୋଧକାରୀଙ୍କୁ ବୁଝାସୁଝା କରୁଛନ୍ତି। ରାସ୍ତାରେ ଶହଶହ ଗାଡ଼ି ମୋଟର ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହିଛନ୍ତି।

■ ସଦର ଓଏଭିର ବାର୍ଷିକୋତ୍ସବ 'ମିଲେଞ୍ଜ'ରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

## 'ଶିକ୍ଷା ଗ୍ରହଣ ସହ ଜଣେ ଭଲ ମଣିଷ ହୁଅ'

**ପୁରୀ,୭।୨(ସମିସ):** ପୁରୀ ସଦର ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ "ମିଲେଞ୍ଜ-୨୦୨୬' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ବିଡିଓ ସମ୍ବିତ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବର୍ତ୍ତମାନ ସମୟରେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ମୁଖ୍ୟବକ୍ତା ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁର୍ଗାମାଧବ ନନ୍ଦ, ସ୍ୱତନ୍ତ୍ର ଅତିଥି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଆଶୁତୋଷ ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଗ୍ରହଣ ସହ ଉତ୍ତମ ଚରିତ୍ର ଗଠନ ଏବଂ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦର ବ୍ଲକ୍ ପ୍ରାକ୍ତନ ବିଇଓ ପ୍ରମୋଦ କର, ବାଲିଗୁଆଳି ସରପଞ୍ଚ ସିଲୁ ସେନାପତି, ବେଲଦଳ ସରପଞ୍ଚ ବିପିନ ଦାସ, ଶାରଦା ବିହାର ହାଇସ୍କୁଲର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ରବୀନ୍ଦ୍ରନାଥ ସ୍ୱାଇଁ, ଗୋପ ବ୍ଲକ




ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଚିନ୍ମୟ ସେନାପତି, ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ବିଶ୍ୱନାଥ ପାଢ଼ୀ ଓ ବ୍ରହ୍ମଗିରି ଆଦର୍ଶ ବିଦ୍ୟାଳୟର ଅଧକ୍ଷ ମୋହନ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ନିକଟରେ ଅତିଥିଙ୍କ ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ପୁରୀ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ରମେଶ କୁମାର ଦଳବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ନିବେଦିତା ସାବୁତ। ରାଜ୍ୟ ଏବଂ ଜାତୀୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୁରୀର ଖେଳ ପଡ଼ିଆ ନ ଥିବା ଜାଣିବା ପରେ ବିଡିଓ ଶ୍ରୀ ଶତପଥୀ ଏବଂ ବଳିଗୁଆଳି ସରପଞ୍ଚ ଶ୍ରୀ ସେନାପତି ଆଗାମୀ ଦିନରେ ଏକ ଉନ୍ନତମାନର ଖେଳ ପଡ଼ିଆ ପ୍ରସ୍ତୁତ କରିବା ପାଇଁ ସମସ୍ତ ସହାୟତା ପ୍ରଦାନ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରାନୁଙ୍କୁ ରାଜ୍ୟସ୍ତରୀୟ ଷ୍ଟେମ୍ ଏକ୍ସିଲେନ୍ସ ଆୱାର୍ଡ



**କୃଷ୍ଣପ୍ରସାଦ,୭।୨(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତ ଓରାଠାରେ ଅବସ୍ଥିତ ସାନସୀମା ନୋଡାଲ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର ଗଣିତ ଓ ବିଜ୍ଞାନରେ ବିଷୟଗତ ଅଗ୍ରଗତି ପାଇଁ ଷ୍ଟେମ୍ ଇନିସିଏଟିଭ୍ ଅନ୍ତର୍ଗତ "ଖାନ୍ ଏକାଡେମୀ'ରେ ଗଣିତ ଓ ବିଜ୍ଞାନ ଶିକ୍ଷୟିତ୍ରୀ ରାନୁ ତରେଇଙ୍କ ନେତୃତ୍ୱରେ ସାନସୀମା ନୋଡାଲ ହାଇସ୍କୁଲ ରାଜ୍ୟସ୍ତରରେ ୩୪ତମ ସ୍ଥାନ ଅଧିକାର କରିଛି। ଗତ ୬ ତାରିଖ ଦିନ ଆଇସିଟି ୱେଲ୍‌କମ୍ ହୋଟେଲ୍, ଡୁମୁଡୁମା, ଭୁବନେଶ୍ୱରଠାରେ ଶିକ୍ଷୟିତ୍ରୀ ରାନୁ ତରେଇଙ୍କୁ ରାଜ୍ୟସ୍ତରୀୟ ଷ୍ଟେମ୍ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିବାରୁ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଖୁସିର ମାହୋଲ ଖେଳିଯାଇଛି।

## ଜମିବାଡ଼ି ବିବାଦକୁ ନେଇ ବୋମାମାଡ଼; ଦମ୍ପତି ଗୁରୁତର

● ସହଯୋଗୀ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର୍

**ଗୋପ,୭।୨(ସମିସ):** ଗୋପ ଥାନା ଅଧୀନ ବନ୍ତଳୀଗ୍ରାମ ପଞ୍ଚାୟତସ୍ଥିତ ତରଣା ଗ୍ରାମରେ ଜମିଜମା ବିବାଦକୁ ନେଇ ବୋମାମାଡ଼ ହୋଇଥିବାବେଳେ ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର୍ ହୋଇଥିବା ଜଣାପଡ଼ିଛି। ଏଥିରେ ସ୍ୱାମୀ-ସ୍ତ୍ରୀ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଗୋପ ଥାନା ଅଧୀନସ୍ଥ ତରଣା ଗ୍ରାମର ସବେଇ ପଲେଇ ଓ ସାହେବ ପଲେଇଙ୍କ ପରିବାର ସହିତ ସେହି ଗ୍ରାମର ଅନ୍ୟ ଏକ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିବାବେଳେ ଶୁକ୍ରବାର ଏହି ବିବାଦ ଉଗ୍ରରୂପ ଧାରଣ କରିଥିଲା। ଏହି ଘଟଣାକୁ ନେଇ ସାହେବ ପଲେଇଙ୍କ ପତ୍ନୀ ଅନୁପମା ପଲେଇ ପରିବାର ବର୍ଗଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ନିମନ୍ତେ ଗୋପ ଥାନାରେ ଗତ ଶୁକ୍ରବାର ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଶୁକ୍ରବାର ରାତିରେ ସବେଇ ପଲେଇ ଓ ତାଙ୍କ ସ୍ତ୍ରୀ ଦାଣ୍ଡ ବାରଣ୍ଡାରେ ଛିଡ଼ା ହୋଇଥିବାବେଳେ ଜମିବାଡ଼ି ବିବାଦକୁ ନେଇ ଗ୍ରାମର ସାହେବ ଓ ସବେଇଙ୍କ ଘର ଉପରକୁ ବୋମାମାଡ଼ ହୋଇଥିଲା। ଖବର ପାଇ ଗୋପ ପୁଲିସ ତରଣା ଗ୍ରାମରେ ପହଞ୍ଚି ବୋମାମାଡ଼ ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ସବେଇ ଓ ତାଙ୍କ ସ୍ତ୍ରୀଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଉକ୍ତ ଗ୍ରାମରେ ଚଢ଼ଉ କରି ସହଯୋଗୀ ଅଭିଯୁକ୍ତ ମଙ୍ଗରାଜ ପଲେଇକୁ ଗିରଫ କରିଥିଲାବେଳେ ମୁଖ୍ୟ ଅଭିଯୁକ୍ତ ପପୁ ପଲେଇକୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ଲାଗିରହିଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ପିପିଲି,୭।୨(ସମିସ):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ସିଉଳା ଛକ ନିକଟରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଭୁବନେଶ୍ୱର ନୂଆପଲ୍ଲୀ ଥାନା ଆଇଆର୍‌ସି ଭିଲେଜ୍ ଅଞ୍ଚଳର ଅଶ୍ୱିନୀ କୁମାର ଦାଶ (୫୦) ବୋଲି ପାଟ୍ରୋଲିଂ ଅଧିକାରୀ ମାୟାଧର ବେହେରାଙ୍କଠାରୁ ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ, ଅଶ୍ୱିନୀ ପିପିଲିରୁ ଏକ ବାଇକ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ସିଉଳା ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକମାନଙ୍କ ସହିତ ଜାତୀୟ ରାଜପଥ ପୁଲିସ ପାଟ୍ରୋଲିଂ ଅଧିକାରୀଙ୍କ ସମେତ କର୍ମଚାରୀମାନେ ଆହତଙ୍କୁ ଉଦ୍ଧାର କରି ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପିପିଲି ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କଠାରୁ ପ୍ରକାଶ।

## ପିଏମ୍‌ଶ୍ରୀ ନୟାହାଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୟାହାଟ,୭।୨(ସମିସ):** ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ପିଏମ୍‌ଶ୍ରୀ ନୟାହାଟ ଉଚ୍ଚ ବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ବିଦ୍ୟାଳୟର ଉନ୍ନତି ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଦେବେ ବୋଲି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ୧୪ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ସାଗରିକା ନାୟକ, ଧୂମାଲ ସରପଞ୍ଚ ମୋନାଲିସା ସିଂହ, କାହ୍ନୁ ଚରଣ ସାହୁ, ବାସୁଦେବ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ବାକିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟା କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ସେନାପତି, ମନୋରଞ୍ଜନ ନାୟକ, ମାନସ ରଞ୍ଜନ ପାତ୍ର, ଶିପ୍ରା ପଟ୍ଟନାୟକ, ରାଜଲକ୍ଷ୍ମୀ, ସସ୍ମିତା, ମାନିନୀ, ମନୋରମା, ମଞ୍ଜୁଲତା, ଦେବପ୍ରିୟା, ଦୀପ୍ତିମୟୀ ପ୍ରମୁଖ କୁନିକୁନି ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାସୁଦେବଙ୍କ ଷଷ୍ଠ ବାର୍ଷିକ ଉତ୍ସବ



**ନୟାହାଟ,୭।୨(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ଆଳୁଦଣ୍ଡା ପାଟଣା ଗ୍ରାମର ବାସୁଦେବ ଠାକୁରଙ୍କ ଷଷ୍ଠ ବାର୍ଷିକ ଉତ୍ସବ ଶନିବାର ରାତି ୮ଟାରେ ଆରମ୍ଭ ହୋଇଛି। ମୁଖ୍ୟ କର୍ତ୍ତା ଭାଗିରଥି ବେହେରା କହିଛନ୍ତି ଯେ, ଏହା ୩ଦିନ ଧରି ଚାଲିବ। ଏଠାରେ ଗରିବ ଲୋକମାନଙ୍କୁ ନୂଆ ଲୁଗା ଓ ଆର୍ଥିକ ସହାୟତା ମାଗଣାରେ ଦାନ କରାଯିବ। ପ୍ରଥମ ଦିନରେ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିବାବେଳେ ଏହାକୁ ଦେଖିବା ପାଇଁ ବହୁଳ ଜନସମାଗମ ହୋଇଥିଲା।

ସତ୍ୟବାଦୀ ମହୋତ୍ସବର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନ ଜିଣିଲେ ରୁକୁ ସୁନା ଓ ସୋହିଲି ମିଶ୍ର



**ସାକ୍ଷୀଗୋପାଳ,୭।୨(ସମିସ):**

ଦଶମ ସତ୍ୟବାଦୀ ମହୋତ୍ସବକୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ତୃତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସମାଜସେବୀ ନିଶିକାନ୍ତ ମିଶ୍ରଙ୍କ ସହିତ ସତ୍ୟବାଦୀ ମହୋତ୍ସବର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମହୋତ୍ସବର ସଭାପତି ତଥା ବିଧାୟକ ଶ୍ରୀ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥିମାନଙ୍କୁ ମହୋତ୍ସବର ସମ୍ପାଦକ ଦୀପକ ଶତପଥୀ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବ ପକ୍ଷରୁ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଷୀରୋଦ ପ୍ରଧାନଙ୍କ ନେତୃତ୍ୱରେ ଷ୍ଟାର୍ ଧମକା ନୃତ୍ୟ ପରିବେଷଣ କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଶିଳ୍ପୀକା କ୍ରିଏଟିଭ ଡ୍ୟାନ୍ସ ତରଫରୁ ନୃତ୍ୟ ପରିବେଷଣ କରାଯାଇଥିଲା। ସାକ୍ଷୀଗୋପାଳ ହାନା ଟାଏକ୍ୱୋଣ୍ଡୋର ଛାତ୍ରଛାତ୍ରୀମାନେ କଳା ପ୍ରଦର୍ଶନ କରିଥିଲେ। ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ସାଇ ସମୃଦ୍ଧି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ। ପରେ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ସତ୍ୟବାଦୀ ସଂଳାପ ପରିବେଷଣ କରିଥିଲେ। ବିଳମ୍ବିତ ସଞ୍ଜରେ ରୁକୁ ସୁନା ଓ ତାଙ୍କ ଟିମ୍ ଓ ସୋହିଲି ମିଶ୍ରଙ୍କ ଟିମ୍ ସଂଗୀତ ପରିବେଷଣ କରିଥିଲେ। ମନଭରି ଉପଭୋଗ କରିଥିଲେ ଦର୍ଶକମାନେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରେରଣା ପ୍ରତୀକ୍ ସିଂ। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଳିକ ଉପସ୍ଥିତ ଥିଲେ। ସତ୍ୟବାଦୀର ସାମ୍ବାଦିକ କିଶୋର ମହାପାତ୍ର ଓ ଅଶୋକ ବେହେରାଙ୍କୁ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖାଉଟି ସୁରକ୍ଷା ସଚେତନତା କର୍ମଶାଳା

**କଣାସ,୭।୨(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଶୋଭା' (ସୋସିଆଲ ଅର୍ଗାନାଇଜେସନ ଫର୍ ଭଲ୍ୟୁଣ୍ଟାରୀ ଆକ୍ସନ) ପକ୍ଷରୁ ଏକ ଖାଉଟି ସଚେତନତା କାର୍ଯ୍ୟକ୍ରମ କଣାସ ବ୍ଲକ୍ ସିରେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ପରିଡ଼ା, ସମ୍ମାନିତ ଅତିଥି ଭାବେ ବୈଧମାପ ବିଜ୍ଞାନ ବିଭାଗର ସହନିରୀକ୍ଷକ ପାଲ୍ଲୀନା ଜଗଦେବ, ମୁଖ୍ୟବକ୍ତା ଭାବେ ଟିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର କୁମାର ସାହୁ, ବୈଧମାପ ବିଜ୍ଞାନ ବିଭାଗର ସହାୟକ ଯନ୍ତ୍ରୀ ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ମଣିମାଳା ସେନାପତି ସ୍ୱାଗତ ଭାଷଣ ଦେବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଇୱାଇଡବ୍ଲ୍ୟୁର ସମ୍ପାଦକ ଶିବ ପ୍ରସାଦ ପାଟଯୋଶୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆମେ




ବଜାରରୁ କିଣୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ସୁନା, ରୁପା, ଗ୍ୟାସ୍ ସିଲିଣ୍ଡର ଆଦିରେ ଉପଭୋକ୍ତାମାନେ କିପରି ଠକେଇର ଶିକାର ନ ହେବେ ଏବଂ ନିଜର ଅଧିକାର କିପରି ସାବ୍ୟସ୍ତ କରିବେ ସେ ସମ୍ପର୍କରେ ଅତିଥିମାନେ ଅବଗତ କରାଇଥିଲେ। ଗତ ୩୦ ତାରିଖ "ଶୋଭା' ଅନୁଷ୍ଠାନ ପକ୍ଷରୁ ଟିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ "ଖାଉଟି ସଚେତନତା' ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ରଚନା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ପାଢ଼ୀ, ଦୀନବନ୍ଧୁ ବସ୍ତିଆ, ସାଗରିକା ଚିନ୍ନରା, ସ୍ଥାନୀୟ ୱାର୍ଡମେମ୍ବର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ।

# ଶ୍ରୀକ୍ଷେତ୍ର ସିଟି

୭/୨/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୮୩,୯୩୧/-  ସୁନା:୦୫.୧୦୦ ଗ୍ରାମ୍ ରୁପା: ୪୦.୪୦୦ ଗ୍ରାମ୍





### ବିଏମ୍ଏସ୍‌ର ତ୍ରୈବାର୍ଷିକ ଅଧିବେଶନ

# ଶ୍ରମିକ ଶକ୍ତି ହିଁ ଭାରତ ପ୍ରଗତିର ମୂଳ ଆଧାର

ପୁରୀ,୭।୨(ସମିସ)

ଭାରତୀୟ ମଜ୍‌ଦୂର ସଂଘ (ବିଏମ୍ଏସ୍)ର ତିନିଦିନିଆ ତ୍ରୈବାର୍ଷିକ ଅଧିବେଶନର ଶନିବାର ଦ୍ୱିତୀୟ ଦିବସରେ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଯେ, ବିଏମ୍ଏସ୍ ସଦା ଶ୍ରମିକ ହିତ ସହିତ ରାଷ୍ଟ୍ରହିତକୁ ସର୍ବୋପରି ରଖିଆସିଛି। ବଗଲା ଧର୍ମଶାଳା ପରିସରରେ ଆୟୋଜିତ ଏହି ଅଧିବେଶନକୁ ସମ୍ବୋଧନ କରି ଶ୍ରୀ ପ୍ରଧାନ କହିଥିଲେ ଯେ, ସେ ନିଜେ ମଧ୍ୟ ବିଏମ୍ଏସ୍‌ର ଜଣେ କାର୍ଯ୍ୟକର୍ତ୍ତା ଥିଲେ। ଏହି ସଂଗଠନ ଦେଶକୁ ବୈଚାରିକ ଭାବେ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। ସଂଗଠିତ, ପ୍ରଶିକ୍ଷିତ ଓ ସଚେତନ ଶ୍ରମିକ ଶକ୍ତି ହିଁ ଭାରତ ପ୍ରଗତିର ମୂଳ ଆଧାର। ଆତ୍ମନିର୍ଭର ଓ ବିକଶିତ ଭାରତ ଗଢ଼ିବାରେ ଶ୍ରମିକ ଶକ୍ତିର ଭୂମିକା ଅପାର। ଶ୍ରମଶକ୍ତିର ଭାଗିଦାରୀକୁ ୫୦ କୋଟିରୁ ୭୫ କୋଟିକୁ ବଢ଼ାଇବା ଓ ସ୍କିଲ୍-ରିସ୍କିଲ୍ ଉପରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅଧିବେଶନରେ ଆର୍‌ଏସ୍ଏସ୍ କାର୍ଯ୍ୟକାରିଣୀ ସଦସ୍ୟ ବି. ଭାଗୟ୍ୟା କହିଥିଲେ ଯେ, ରାଷ୍ଟ୍ରକୁ ମା' ଭାବରେ ଦେଖିବା ଓ ଦେଶ, ପରିବାର ଓ ସମାଜ ପ୍ରତି ଭାବନା ରଖିବା ଅତ୍ୟନ୍ତ ଆବଶ୍ୟକ। ଏହି ଅବସରରେ ବିଏମ୍ଏସ୍‌ର ଅଖିଳ ଭାରତୀୟ ଅଧ୍ୟକ୍ଷ ହିରଣ୍ମୟ ପାଣ୍ଡ୍ୟା ଓ ମହାମନ୍ତ୍ରୀ ରବିନ୍ଦ୍ର ହିମତେ ଉପସ୍ଥିତ ଥିଲେ।




ସେହିପରି ଦ୍ୱିତୀୟ ଅଧିବେଶନରେ 'ଟ୍ରେଡ୍ ୟୁନିୟନ ଆନ୍ଦୋଳନରେ ମହିଳାଙ୍କ ଭାଗିଦାରୀ: ଚ୍ୟାଲେଞ୍ଜ ଓ ସୁଯୋଗ' ଉପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ମହିଳାମାନେ ଦୁଇଟି ଭାର ଘରୋଇ ଓ ସାମାଜିକ ବହନ କରୁଥିବା ସତ୍ତ୍ୱେ ଦେଶର ଆର୍ଥିକ ବିକାଶର ମୂଳ ଆଧାର ସ୍ତମ୍ଭ ଭାବେ କାମ କରୁଛନ୍ତି। ମହିଳାଙ୍କ ସମାନତା, ସୁରକ୍ଷା, ସଶକ୍ତ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ମହିଳାଙ୍କ ପାଇଁ ପ୍ୟାଡ୍ ପିରିୟଡ୍ ଲିଭ୍ କରାଯାଇଛି। ସେହିପରି ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟର ବିକାଶ ପାଇଁ ପ୍ରଶିକ୍ଷଣ କରାଯିବ। ଟ୍ରେଡ୍ ୟୁନିୟନ୍ କ୍ଷେତ୍ର ସଂଗଠନର ସଭାନେତ୍ରୀ ଓ ସମ୍ପାଦିକାମାନେ ପ୍ରଥମେ ପରସ୍ପର ମଧ୍ୟରେ ସମନ୍ୱୟ ରଖିଲେ ସେମାନଙ୍କ ସମ୍ମାନ ବୃଦ୍ଧି ସହ ଆତ୍ମସୁରକ୍ଷା ହୋଇପାରିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା। ଅପରାହ୍ଣରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଓ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରୋହତକର ସମ୍ମିଳନୀରେ ଯୋଗଦେଇ ସଂଗଠିତ ଓ ଅଣ ସଂଗଠିତ କ୍ଷେତ୍ରରେ ମହିଳା ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ସୁଭଦ୍ରା ଯୋଜନା ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ସ୍ତନ୍ୟପାନ କେନ୍ଦ୍ର ଖୋଲିବା ପାଇଁ ଯୋଜନା କରାଯାଉଛି। କେନ୍ଦ୍ର ସରକାର ନିକଟରେ ୩ଟି ଗୁରୁତ୍ୱପୂର୍ଣ୍ଣ ଆଇନ ଆଣିଥିବା କହିଛନ୍ତି ଜାତୀୟ ମହିଳା କମିଶନ ଅଧ୍ୟକ୍ଷା। ଏହାଦ୍ୱାରା ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନରେ ମହିଳାଙ୍କ ଅଂଶଗ୍ରହଣ ଆହୁରି ବୃଦ୍ଧି ପାଇବ। ମହିଳା କେବଳ ଶ୍ରମଶକ୍ତି ନୁହେଁ, ସେମାନଙ୍କ ଭିତରେ ନେତୃତ୍ୱ ଓ ନିଷ୍ପତ୍ତି ନେବାର ଶକ୍ତି ରହିଛି। ଟ୍ରେଡ୍ ୟୁନିଅନରେ ଏବେ ମହିଳାମାନେ ନେତୃତ୍ୱ ଭୂମିକା ନିଭାଉଛନ୍ତି ବୋଲି ସେ କହିଥିଲେ।

- ବିଏମ୍ଏସ୍ ସଦା ରାଷ୍ଟ୍ରହିତକୁ ସର୍ବୋପରି ରଖିଆସିଛି
- ରାଷ୍ଟ୍ର ଗଠନରେ ଶ୍ରମିକ ଓ ନାରୀଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅଧ୍ୟକ୍ଷୀୟ ଅଭିଭାଷଣରେ ବିଏମ୍ଏସ୍ ଅଖିଳ ଭାରତୀୟ ଉପାଧ୍ୟକ୍ଷା ନୀତା ଚୌବେ କହିଥିଲେ ଯେ, ନାରୀଶକ୍ତି ସଶକ୍ତ ହେଲେ ଦେଶର ସର୍ବାଙ୍ଗୀଣ ବିକାଶ ସମ୍ଭବ। ଅପରାହ୍ଣରେ ହଜାର ହଜାର କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ବିଭିନ୍ନ ଅଞ୍ଚଳର ଭାଷାଭାଷୀ ସହ ନିଜ ଅଞ୍ଚଳର ପାରମ୍ପରିକ ପୋଷାକ ପରିଧାନ କରି ଶୋଭାଯାତ୍ରାରେ ବାହାରିଥିଲେ। ଶେଷରେ ବେଳାଭୂମିରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

### ଭିତରକାଠରେ ଖଙ୍କାର

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୭।୨(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ଖଙ୍କାର ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ଶନିବାର ସକାଳ ୬ଟାରେ ଦ୍ୱାର ଫିଟିଥିଲା। ଭିତର ଶୋଧ ପରେ ୬ଟା ୪୫ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ଣ ୧୦ଟାରେ ଗୋପାଳବଲ୍ଲଭ ପୂଜା ସରିବା ପରେ ୧୧ଟା ୩୦ରେ ସକାଳ ଧୂପ ବଢ଼ିଥିଲା। ଏହାପରେ ଶ୍ରଦ୍ଧାଳୁମାନେ ଭିତରକାଠକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରୁଥିଲେ। ଏହି ଭିତରକାଠରେ ଛେପ ଖଙ୍କାର ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ଅପରାହ୍ଣ ୧ଟା ୨୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୧ଟା ୨୫ରେ ମହାସ୍ନାନ ବଢ଼ିବା ପରେ ଯେଉଁଠାରେ ନୀତି ଅଟକାଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ଏହି ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟ ନୀତିକାନ୍ତିକୁ ମଧ୍ୟ ପ୍ରଭାବିତ କରିଥିଲା।

# ୧୩.୫୮ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୩ ଗିରଫ

ପୁରୀ,୭।୨(ସମିସ): ବାଇକ୍‌ରେ ବ୍ରାଉନ୍‌ସୁଗର ନେଇ ଯାଉଥିବାବେଳେ ୩ ଜଣଙ୍କୁ କାବୁ କରିଛି କୁମ୍ଭାରପଡ଼ା ଥାନା ପୁଲିସ। ଅଭିଯୁକ୍ତମାନେ ହେଲେ ପିପିଲି ନରସିଂହପୁର କଂସେଇ ସାହିର ରିହାନ ଖାନ୍ ଓରଫ କାଲୁ (୩୪), ଖଣ୍ଡିଆବନ୍ଧର ଅଜୟ ପ୍ରଧାନ ଓରଫ ଅଜୁ (୨୫), ବଳଗଣ୍ଡି ରାୟବାହାଦୂର ଲେନ୍‌ର ଅଚ୍ୟୁତାନନ୍ଦ ନନ୍ଦ ଓରଫ ଗାଗି(୨୮)। ସେମାନଙ୍କଠାରୁ ୧୩.୫୮ ଗ୍ରାମ୍ ବ୍ରାଉନ୍‌ସୁଗର ସହ ୩୧୦୦ ଟଙ୍କା, ୩ଟି ମୋବାଇଲ୍ ଫୋନ୍ ଜବତ ହୋଇଛି। ପୁଲିସ ସୂଚନା ମୁତାବକ, ଶନିବାର ସକାଳେ ଚାରିନଳା ପଟୁ ୩ ଜଣ ଏକ ବାଜାଜ୍ ଆଭେଞ୍ଜର ବାଇକ୍ ଯୋଗେ ନବକଳେବର ରୋଡ୍ ଆଡ଼କୁ ଆସୁଥିଲେ। ସେମାନେ ବ୍ରାଉନ୍‌ସୁଗର ନେଇ ଯାଉଥିବା କୁମ୍ଭାରପଡ଼ା ପୁଲିସ ପାଖରେ ବିଶେଷ ସୂତ୍ରରୁ ଖବର ପହଞ୍ଚିଥିଲା। ଏହି ସମୟରେ ପାଟ୍ରୋଲିଂ କରୁଥିବା ଥାନାର ଏକ ଟିମ୍ ବାନାମ୍ବର ଛକରେ ପହଞ୍ଚି ସେମାନଙ୍କୁ ଅଟକାଇଥିଲା। ଯାଞ୍ଚବେଳେ ବ୍ରାଉନ୍‌ସୁଗର ଜବତ ସହ ୩ ଜଣଙ୍କୁ କାବୁ କରିଥିଲେ। ଏ ନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

**● ଯୌନ ନିର୍ଯାତନା ମାମଲା**

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍‌ଦଣ୍ଡ

ପୁରୀ,୭।୨(ସମିସ): ପୁରୀ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଓ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନରେ ପୁଲିସ ପକ୍ଷରୁ ତ୍ୱରିତ ପ୍ରୟାସ ଜାରି ରହିଛି। ଫଳସ୍ୱରୂପ ଚଳିତ ମାସରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାମଲାରେ ଦୋଷୀଙ୍କୁ ଦଣ୍ଡାଦେଶ ଦିଆଯାଇଛି। ଶନିବାର ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜ୍ ତଥା ପୋକ୍ସୋ ବିଶେଷ ଅଦାଲତର ବିଚାରପତି ହୃଷୀକେଶ ସାହୁ ପିପିଲି ଥାନାର ଏକ ମାମଲା (ନଂ.୫୨୦/୨୦୨୩)ର ବିଚାର କରି ଅଭିଯୁକ୍ତ ମହାଦେବ ସାହିର ଅନନ୍ତ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଇପିସି ଧାରା ୩୬୩/୩୬୬/୩୭୬(୨)(ଏନ)/୩୨୩/୫୦୬ ସହିତ ଧାରା ୬ ପୋକ୍ସୋ ଆଇନ ଅନୁଯାୟୀ ୨୦ ବର୍ଷ କଠୋର କାରାଦଣ୍ଡ ଓ ୫ହଜାର ଟଙ୍କା ଅର୍ଥ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ଶୁକ୍ରବାର ଆସିଷ୍ଟାଣ୍ଟ ସେସନ୍ ଜଜ୍ ପୁରୀର ବିଚାରପତି ଏସ୍.କେ. ମିଶ୍ର ଏସ୍‌ଟି କେସ୍ ନଂ ୫୫/୭୬ (୨୦୨୧/୨୦୨୦) (ସତ୍ୟବାଦୀ ଥାନା କେସ୍ ନଂ.୮୬/୨୦୧୯)ର ବିଚାର କରି ଅଭିଯୁକ୍ତ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଇପିସିର ଧାରା ୪୫୭/୩୫୪/୩୦୭/୩୨୩/୩୭୯/୪୨୭/୨୯୪/୩୪ ଅନୁଯାୟୀ ତାଙ୍କୁ ୫ ହଜାର ଟଙ୍କା ଅର୍ଥଦଣ୍ଡ ସହିତ ପୀଡ଼ିତଙ୍କୁ ୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ପୁଲିସ, ଡିପିପି ଡାଇରେକ୍ଟର ଦୀପ୍ତିରଞ୍ଜନ କାନୁନ୍‌ଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଫଳତା ସମ୍ଭବ ହୋଇପାରିଛି।

# ପ୍ରାଚୀ ପରିକ୍ରମା ଆରମ୍ଭ; ୧୩ରେ ପୂର୍ଣ୍ଣାହୁତି

ପୁରୀ,୭।୨(ସମିସ): ପ୍ରାଚୀ ନଦୀର ସ୍ୱଚ୍ଛତା, ପବିତ୍ରତା ଓ ସୁରକ୍ଷା ପାଇଁ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟ କରୁଛି। ଗୁରୁଜୀ ପରମହଂସ ପ୍ରଜ୍ଞାନନ୍ଦଜୀ ମହାରାଜଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହା ପ୍ରତିବର୍ଷ ଆୟୋଜିତ ହୋଇଆସୁଛି। ଚଳିତ ମାସ ୭ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଏକାଧିକ ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା ଓ ସଚେତନତା ସୃଷ୍ଟି କରି ୧୩ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ସ୍ଥିର ହୋଇଛି। ଏହାର ସଫଳ ଓ ଶୃଙ୍ଖଳିତ ଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟ ସମ୍ପାଦନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରାଚୀ ପରିକ୍ରମା ପଦଯାତ୍ରା ଶନିବାର କଟକ ଜିଲ୍ଲାର ନିଆଳୀ ତହସିଲ୍ ଅଧୀନ ଶ୍ରୀଅନ୍ଧ କପିଳେଶ୍ୱର ମନ୍ଦିରଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରିଥିଲା। ସଂକୀର୍ତ୍ତନ, ଯୋଡ଼ିଶଙ୍ଖ, ଘୋଡ଼ା ନାଚ, ଘଣ୍ଟ ପାଟୁଆ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇ ନୂଆଗାଁର ରାଧାକାନ୍ତ ମଠ ପର୍ଯ୍ୟନ୍ତ ଆସି ସେଠାରେ ରାତ୍ରିଯାପନ କରିଛନ୍ତି। ରାତ୍ରିଯାପନ ସ୍ଥଳରେ ପାଲା ପରିବେଷଣ କରାଯାଇଛି। ରବିବାର ପୂର୍ବାହ୍ଣରେ ପଦଯାତ୍ରା ବାହାରି ଆର୍ତ୍ତତ୍ରାଣ ଗାଦି ମୁଷି ବାବା ମଠ ଜଲ୍ଲାରପୁର ହୋଇ ମାଧବାନନ୍ଦ ମନ୍ଦିରରେ ରାତ୍ରିଯାପନ କରିବେ। ୯ରେ ସେଠାରୁ ବେତଣ୍ଡା ନିଆଳି ହୋଇ କାକଟପୁର ତହସିଲ୍‌ର ଦେଉଳି ମଠରେ ରାତ୍ରିଯାପନ କରିବେ। ୧୦ରେ ଅସ୍ତରଙ୍ଗ ତହସିଲ୍‌ର କେଲୁଣୀ ମୁହାଣ କେଉଟଜଙ୍ଗାଠାରେ, ୧୧ରେ ସେଠାରୁ ବାହାରି କାକଟପୁର ଜଗନ୍ନାଥ ମନ୍ଦିର ଦେଇ ଗୋପ ତହସିଲ୍‌ର ପ୍ରାଚୀ ଗୁରୁ ଧର୍ମକ୍ଷେତ୍ର ନୂଆମଠ ନୂଆହାଟଠାରେ ରାତ୍ରିଯାପନ କରିବେ। ୧୨ରେ ନିମାପଡ଼ା ତହସିଲ୍‌ର ଶଙ୍ଖପଡ଼ା ଦଶହରା ପଡ଼ିଆ ହୋଇ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ତହସିଲ୍‌ର ଦେଉଳିଧରପୁର ବୁଦ୍ଧିକେଶ୍ୱର ମନ୍ଦିରରେ ରାତ୍ରିଯାପନ କରିବେ। ପଦଯାତ୍ରା ରାତ୍ରିଯାପନ କରୁଥିବା ସ୍ଥାନମାନଙ୍କରେ ପ୍ରତି ସନ୍ଧ୍ୟାରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି। ୧୩ ତାରିଖରେ ପଦଯାତ୍ରା ଶ୍ରୀଅନ୍ଧ କପିଳେଶ୍ୱର ମନ୍ଦିରରେ ପହଞ୍ଚିବେ। ସେଠାରେ ପୂର୍ଣ୍ଣାହୁତି କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଛି। ପୁରୀ ଜିଲ୍ଲା ପରିକ୍ରମା ସମୟରେ ରହଣି ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ, ଆଲୋକ, ସୁରକ୍ଷା ବ୍ୟବସ୍ଥା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ସମ୍ପୃକ୍ତ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ବୈଠକରେ କାକଟପୁର, ଅସ୍ତରଙ୍ଗ, ଗୋପର ବିଡିଓ, ଆଇଆଇସି, ଅନ୍ୟାନ୍ୟ ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟର ସଂଯୋଜକ ପ୍ରିୟବ୍ରତ କର, ରାଜକିଶୋର ନନ୍ଦ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇ କାର୍ଯ୍ୟର ସଫଳତା ପାଇଁ ସହଯୋଗ ଲୋଡ଼ିଛନ୍ତି।

### ଶତାନନ୍ଦ ପ୍ରତିଷ୍ଠାନରେ ବିଦ୍ୟାର୍ଥୀ ଶିବିର

# ପାଠ ସହ ସଙ୍ଗାତ ବସିବାକୁ ପରାମର୍ଶ



ପୁରୀ,୭।୨(ସମିସ): ମୁଁ ପାରିବି, ଭଲ ପଢ଼ିବି। ଭଲ ମଣିଷ ହେବି। ତୁଳସୀ ଚଉରାସ୍ଥ ଭାରତ ବର୍ଷର ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ଶତାନନ୍ଦଙ୍କ ନାମରେ ନାମିତ ଶତାନନ୍ଦ ଜ୍ୟୋତିର୍ବିଜ୍ଞାନ ପ୍ରତିଷ୍ଠାନରେ ଅନୁଷ୍ଠିତ ବିଦ୍ୟାର୍ଥୀ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ଏହା କହିଛନ୍ତି ଚନ୍ଦନପୁର ଥାନା ଅଧିକାରୀ ଭୁବନମୋହନ ସାମନ୍ତରାୟ। ବିଦ୍ୟାର୍ଥୀଙ୍କ ପରାମର୍ଶ ଦେଇ ଶ୍ରୀ ସାମନ୍ତରାୟ କହିଥିଲେ ଯେ, ପାଠ ସହ ସଙ୍ଗାତ ବସିଲେ ପାଠ ବିଦ୍ୟାର୍ଥୀକୁ ଭଲ ପାଇବସେ। ତେଣୁ ପ୍ରତ୍ୟେକେ ପାଠ ପ୍ରତି ବିଶେଷ ରୁଚି ରଖିବା ଦରକାର। ପ୍ରତିଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶିକା ଡ. ସୁଧୀରା ପଣ୍ଡାଙ୍କ ଅଧ୍ୟକ୍ଷତା ଓ ଶିକ୍ଷାବିତ୍ ମନୋରଞ୍ଜନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସ୍ତମ୍ଭକାର ବଦ୍ରି ମିଶ୍ର କହିଥିଲେ ଯେ, ମୋବାଇଲର ଅପବ୍ୟବହାର ଓ ସଙ୍ଗଦୋଷରେ ଛାତ୍ର ଜୀବନରୁ ନିଶା ପ୍ରତି ଆକର୍ଷଣ, ଆଜି ଅନେକ ପାଠୁଆ ପିଲାଙ୍କୁ ପଥଭ୍ରଷ୍ଟ କରୁଛି। ଏଣୁ କେବଳ ପାଠ ନୁହେଁ, ଶିବିରରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ନୈତିକ ଶିକ୍ଷା ଦାନ ମାଧ୍ୟମରେ ଭଲମଣିଷ ସୃଷ୍ଟି କରାଯାଉ। ଏହି ପଞ୍ଚ ଦିବସୀୟ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କ୍ଷେତ୍ରବାସୀ ଦାସ, ଭାନୁମତି ମିଶ୍ର, ପ୍ରଶିକ୍ଷକ ବରିଷ୍ଠ ବୃତ୍ତଚିତ୍ର ନିର୍ମାତା ଦେବରଞ୍ଜନ, ସୁଚିତ୍ରା ଷଡ଼ଙ୍ଗୀ ମହାପାତ୍ର, ସ୍ମୃତି ସ୍ମାରକ ପଣ୍ଡା, ସଙ୍କେତ ସ୍ମାରକ ପଣ୍ଡା, ଶ୍ରୀପର୍ଣ୍ଣା ସୋହିନୀ ମହାପାତ୍ର, ସମରେଶ ଚନ୍ଦ୍ର ପଣ୍ଡା ଓ ସୁଶ୍ରୀ ହରପ୍ରିୟା କର ଯୋଗଦେଇଥିଲେ।

**ନିଶା ପ୍ରତି ଆକର୍ଷଣ ପାଠୁଆ ପିଲାଙ୍କୁ ପଥଭ୍ରଷ୍ଟ କରୁଛି**

ପୁରୀ ସଦର, ବ୍ରହ୍ମଗିରି, ସତ୍ୟବାଦୀ ଓ କୋଣାର୍କର ବିଭିନ୍ନ ବିଦ୍ୟାଳୟରୁ ଶିବିରରେ ୬୦ ଜଣ ବିଦ୍ୟାର୍ଥୀ ଯୋଗଦେଇଛନ୍ତି। ଯେଉଁମାନଙ୍କୁ ଶିବିରରେ ଗଣିତ, ବିଜ୍ଞାନ, କଳା, ସାହିତ୍ୟ ଓ ନୈତିକ ଶିକ୍ଷା ଉପରେ ପ୍ରଶିକ୍ଷଣ ଦିଆଯିବ। ଗାଁର ପିଲାମାନଙ୍କ ପାଇଁ ଏହି ଶିବିର ଅତ୍ୟନ୍ତ ଉପାଦେୟ ହେବ। ଏହି ପରିପ୍ରେକ୍ଷୀରେ ଏନ୍‌ବିଟି ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଓ ଡ. ସୁଧୀରା ପଣ୍ଡାଙ୍କ ଲିଖିତ ଓଡ଼ିଶାର ବରପୁତ୍ର ପଣ୍ଡିତ ଶତାନନ୍ଦଙ୍କ 'ଭାସ୍ୱତୀ' ପୁସ୍ତକର ଉପାଦେୟତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା/ ବିଦେଶରେ ସ୍ୱର୍ଣ୍ଣ ଜିତିଲେ ପୁରୀର ପୁଅ




ପୁରୀ,୭।୨(ସମିସ): ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବିଦେଶ ମାଟିରେ ଚମକ ଦେଖାଇଲେ ପୁରୀର ପୁଅ। ଗତ ଜାନୁଆରୀ ୨୯ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ନେପାଳର ପୋଖରାଠାରେ ଆୟୋଜିତ ହୋଇଥିଲା ଏସ୍‌ବିକେଏଫ୍ ଅନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା। ଏଥିରେ ୮୫ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ପୁରୀର ସୋମିୟାଲ ଜେନା। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଭାରତର ୧୧୩ ଜଣ ପ୍ରତିଯୋଗୀ ସାମିଲ୍ ଥିବାବେଳେ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ରହିଥିଲେ ସୋମିୟାଲ। ଏହା ତାଙ୍କର ପ୍ରଥମ ଆନ୍ତର୍ଜାତିକ ପ୍ରତିଯୋଗିତା ଥିବାବେଳେ ଏଥିରେ ତାଙ୍କୁ ବଡ଼ ସଫଳତା ମିଳିଛି। ଭାରତୀୟ ସେନାରେ ଚାକିରି କରୁଥିବା ସୋମିୟାଲ ପୂର୍ବରୁ ଆଇବିବିଏଫ୍ଏଫ୍ ପକ୍ଷରୁ ବେଳଗାଓଁରେ ଅନୁଷ୍ଠିତ ଜାତୀୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ହେଲେ ସେଥିରେ ସେ କୌଣସି ସଫଳତା ପାଇ ନ ଥିଲେ। କିନ୍ତୁ ରାଜ୍ୟ ଏବଂ ଜିଲ୍ଲାସ୍ତରରେ ସ୍ୱର୍ଣ୍ଣ ଜିତିଥିବା ସୋମିୟାଲ ମିଷ୍ଟର ଜବଲପୁରରେ ରୌପ୍ୟ ବିଜେତା ହୋଇଥିଲେ। ପୁରୀ ଦଇତାପଡ଼ା ସାହିର ତ୍ରିନାଥ ଜେନା ଓ ଉର୍ମିଳା ଜେନାଙ୍କ ପୁଅ ସୋମିୟାଲ ଆଗକୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶାବାଦୀ ଅଛନ୍ତି।

# ୧୦ରେ ଛାତ୍ରଛାତ୍ରୀଙ୍କୁ ଦିଆଯିବ କୃମିନାଶକ ବଟିକା

ପୁରୀ,୭।୨(ସମିସ): ପୁରୀ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଆସନ୍ତା ୧୦ ତାରିଖରେ ଜାତୀୟ କୃମିନାଶକ ଦିବସ ପାଳିତ ହେବ। ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇଙ୍କ ପରାମର୍ଶ କ୍ରମେ ଏ ସମ୍ପର୍କରେ ପ୍ରସ୍ତୁତିକୁ ଚୂଡ଼ାନ୍ତ କରାଯାଇଛି।

ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ କୃମିନାଶକ ଆଲ୍‌ବେଣ୍ଡାଜୋଲ୍ ବଟିକା ବା ସିରପ୍ ପ୍ରଦାନ କରାଯିବ। ପିଲାମାନଙ୍କଠାରେ ପ୍ରାୟ କୃମି ଦେଖାଯାଏ। ଏହାଦ୍ୱାରା ପିଲାମାନେ ରୁଗ୍‌ଣ ଓ ଦୁର୍ବଳ ହୋଇଥା'ନ୍ତି। ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ କୃମିନାଶନ ଜରୁରୀ। ଯେଉଁମାନେ ଫେବୃଆରୀ ୧୦ରେ କୌଣସି କାରଣବଶତଃ ଅନୁପସ୍ଥିତ ରହିଥିବେ ବା ଅସୁସ୍ଥ ଥିବା ଯୋଗୁଁ କୃମିନାଶକ ବଟିକା ଖାଇ ନ ଥିବେ ସେମାନଙ୍କୁ ଆସନ୍ତା ୧୭ରେ ଏହି ଔଷଧ ଦିଆଯିବ। ୧ ବର୍ଷରୁ ୧୯ ବର୍ଷ ବୟସ୍କ ପର୍ଯ୍ୟନ୍ତ ପିଲା ଓ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ଦିଆଯିବ। ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୨୨୦୫ ଶିକ୍ଷାନୁଷ୍ଠାନର ୨ ଲକ୍ଷ ୧ ହଜାର ୩୪୮ ଛାତ୍ରଛାତ୍ରୀ, ୨୫୪ ବେସରକାରୀ ଶିକ୍ଷାନୁଷ୍ଠାନର ୫୬ ହଜାର ୫୬୩ ଛାତ୍ରଛାତ୍ରୀ, ୨୫୬୬ ଅଙ୍ଗନବାଡ଼ି କେନ୍ଦ୍ରର ୮୮ ହଜାର ୬୬୮ ପିଲା ଏବଂ ୬୨ହଜାର ୨୬୦ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ସେବନ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ମୁଖ୍ୟଙ୍କୁ ପରାମର୍ଶ ଓ ସଚେତନ କରାଯାଇଛି ବୋଲି ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ କହିଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ ଓ ଅନ୍ୟାନ୍ୟ ସହକାରୀ ପ୍ରକଳ୍ପ ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ ଶିବିର ଉଦ୍‌ଯାପିତ

# ଛାତ୍ରାବସ୍ଥାରୁ ସେବା ବ୍ରତରେ ଦୀକ୍ଷିତ ହେବାକୁ ପରାମର୍ଶ

ପୁରୀ,୭।୨(ସମିସ)



ଭୋଳାନାଥ ବିଦ୍ୟାପୀଠରେ ଅନୁଷ୍ଠିତ ତ୍ରିଦିବସୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲ୍ଲାସ୍ତରୀୟ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସମୁଦାୟ ୧୫୦୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ସ, ଗାଇଡ୍ସ, ରୋଭର୍, ରେଞ୍ଜର, ସ୍କାଉଟ୍ ମାଷ୍ଟର, ଗାଇଡ୍ କ୍ୟାପ୍‌ଟେନ୍ ଓ ଅଫିସିଆଲ୍‌ଙ୍କ ସମାବେଶରେ ପରିଚାଳିତ ଉକ୍ତ ଶିବିରରେ ପିଲାମାନେ ଫାଷ୍ଟଏଡ୍, କଲର୍ ପାର୍ଟି, କ୍ୟାମ୍ପ କ୍ରାପ୍ଟ, ସ୍କିଲୋରାମା, ଫୋକ୍ ଡ୍ୟାନ୍ସ, ବ୍ୟାଣ୍ଡ ଡିସ୍‌ପ୍ଲେ, ସ୍କଟ୍ ପେଣ୍ଟିଂ, ପିଜାଣ୍ଟ ସୋ' ଓ ଫେସ୍ ପେଣ୍ଟିଂ ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ରୂପେ ସଂଯୁକ୍ତ ନିର୍ଦ୍ଦେଶକ ଓସେପା ମମତା ମିଶ୍ର, ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ବଳିୟାରସିଂହ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ପ୍ରମୁଖ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତ ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ଚିଫ୍ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ର ଯୋଗଦେଇ ଛାତ୍ରାବସ୍ଥାରୁ ପିଲାମାନେ ସେବା ବ୍ରତରେ ଦୀକ୍ଷିତ ହେଲେ ଭବିଷ୍ୟତରେ ଜଣେ ସୁନାଗରିକ ହୋଇ ଦେଶ ଓ ଜାତିକୁ ଆଗେଇ ନେଇପାରିବେ ବୋଲି ମତ ରଖିଥିଲେ। ରାଜ୍ୟ କମିଶନର ତଥା ପୁରୀ ଜିଲ୍ଲାର ପୂର୍ବତନ ଶିକ୍ଷାଧିକାରୀ ଡ. ବିଶ୍ୱଜିତ୍ ଘୋଷ ବିଭିନ୍ନ ଉଦାହରଣ ମାଧ୍ୟମରେ ପିଲାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାରତ ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ପରିଚାଳନା ସମ୍ପାଦକ ଅନାମିକା ଦାସ ନିଜର ଓଜସ୍ୱୀ ଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜିଲ୍ଲା ଉପସଭାପତି ରଘୁନାଥ ମହାପାତ୍ର, ଅନ୍ୟତମ ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର, ଡିସି ସ୍କାଉଟ୍ସ ରମେଶ ଚନ୍ଦ୍ର ପଣ୍ଡା, ଡିସି, ଗାଇଡ୍ ରୂପଶ୍ରୀ ଛୋଟରାୟ, ସମ୍ପାଦକ ମହେନ୍ଦ୍ର କୁମାର ବିଶ୍ୱାଳ, ପ୍ରଧାନଶିକ୍ଷକ ଭୋଳାନାଥ ବିଦ୍ୟାପୀଠ ମଞ୍ଜୁଲତା ସାମନ୍ତରାୟ, ଡିଓସି ସ୍କାଉଟ୍ସ ଓ ଗାଇଡ୍ସ ଦେବାଶିଷ ମିଶ୍ର, ଡିସି ଗାଇଡ୍ ମୀନାକ୍ଷୀ ମିଶ୍ର ଓ ଶିବିର ପରିଚାଳନା ସମ୍ପାଦକ ପ୍ରବୀଣ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରମାକାନ୍ତ ସମ୍ମାନ ଭଗବାନ ମହାପାତ୍ର ଓ ବ୍ରଜକିଶୋର ପାଇକରାୟଙ୍କୁ ପ୍ରଦାନ କରାଯାଇଥିଲା। ବସନ୍ତ କୁମାର ବାରିକ ଓ ପାୟଲ ପରସ୍ମିତା ସାମନ୍ତରାୟଙ୍କୁ ଯଥାକ୍ରମେ ବେଷ୍ଟ ସ୍କାଉଟ୍ସ ମାଷ୍ଟର୍ ଓ ବେଷ୍ଟ ଗାଇଡ୍ କ୍ୟାପ୍‌ଟେନ୍ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମର ଅଧ୍ୟକ୍ଷ ତଥା ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାମଗ୍ରିକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଭଗବାନ ମହାପାତ୍ର, ରାଜେନ୍ଦ୍ର ହରିଚନ୍ଦନ, ମନୋରମା ଷଡ଼ଙ୍ଗୀ, ସସ୍ମିତା ରାଉତରାୟ, ସମସ୍ତ ରୋଭର୍ ଓ ରେଞ୍ଜର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଧର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ରମେଶ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ଓ ମହେନ୍ଦ୍ର କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA



**ଗୁଟଖା କାରବାର**

# ଖୁଣ୍ଟୁବନ୍ଧ କାରାଗାରରେ ଖୁଣ୍ଟୁବନ୍ଧ ମାଫିଆ



**ନୟାଗଡ଼,୭ ।୨(ସମିସ):** ନୟାଗଡ଼ ଜିଲ୍ଲାରେ ବେଆଇନ ଗୁଟଖା କାରବାର କରୁଥିବା ମାଫିଆଙ୍କୁ ସାବାଡ଼ କରିଛି ପୁଲିସ । ଇଟାମାଟି ଥାନା ପୁଲିସ ଶୁକ୍ରବାର ବେଆଇନ ଗୁଟଖା କାରବାରରେ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଶନିବାର ଅନ୍ୟତମ ଅଭିଯୁକ୍ତ କମଳ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । କମଳଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ଖୁଣ୍ଟୁବନ୍ଧ ଉପକାରାଗାରକୁ ପଠାଇ ଦିଆଯାଇଛି । କମଳଙ୍କ ଘର ମଧ୍ୟ ଖୁଣ୍ଟୁବନ୍ଧ ଗ୍ରାମରେ ବୋଲି ସୂଚନା ମିଳିଛି । ଇଟାମାଟି ପୁଲିସ ଦୁଇଦିନ ତଳେ ବେଆଇନ ଗୁଟଖା ବୋଝେଇ ଗାଡ଼ି ଜବତ କରିଥିଲା । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଥିଲା । ସେମାନେ ହେଲେ ନୟାଗଡ଼ ସହରର ପ୍ରକାଶ ସାହୁ, ତାଙ୍କ ସହଯୋଗୀ ଶ୍ରୀକାନ୍ତ ମହାପାତ୍ର ଓ ବିପିନ ବିହାରୀ ସାହୁ । ପ୍ରକାଶଙ୍କ ପୈତୃକ ଘର ଖୁଣ୍ଟୁବନ୍ଧ । ସେ କମଳ ସାହୁଙ୍କ ଭାଇ । ନୟାଗଡ଼ ଜିଲ୍ଲା ଅମରେନ୍ଦ୍ର ବଜାର ଏବଂ ଖଣ୍ଡପଡ଼ା ରାସ୍ତାର ବିଭିନ୍ନ ସ୍ଥାନରେ ପ୍ରକାଶ ଗୋଦାମ କରି ଦୀର୍ଘଦିନ ଧରି ଗୁଟଖା ଓ ଖଇନି କାରବାର କରି ଆସୁଥିଲେ । ଗୁଟଖା ଚଢ଼ଉ ଜୋରଦାର ହେଉଥିବାରୁ ସେ ଇଟାମାଟି ଅଞ୍ଚଳରେ ଏକ ବେନାମୀ ଗୋଦାମ କରିଥିଲେ । ସେଠାରୁ ପିକ୍‌ଅପ୍ ଯୋଗେ ମାଲ୍ ଚାଲାଣ କରୁଥିବା ବେଳେ ଗୁରୁବାର ସନ୍ଧ୍ୟାରେ ପୁଲିସ ହାବୁଡ଼ରେ ପଡ଼ିଥିଲା । ପୁଲିସ ତାଙ୍କ ନିକଟରୁ ୭ ବସ୍ତା ଖଇନି, ସିଗାରେଟ୍, ୧୩୬୦ ପ୍ୟାକେଟ୍ ଡିଲକ୍ସ ମିକ୍ସ, ଏକ ପିକ୍‌ଅପ୍ ଭ୍ୟାନ ଓ ୯୯ ହଜାର ଟଙ୍କା ଜବତ କରିଛି । ଉକ୍ତ ଘଟଣାରେ ଲିଙ୍କ ଥିବା ଜଣାପଡ଼ିବା ପରେ ଅନ୍ୟତମ ମାଫିଆ କମଳ ସାହୁଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା । ପୁଲିସ ତଦନ୍ତରେ କମଳ ଗୁଟଖା ମାଫିଆ ବୋଲି ସ୍ପଷ୍ଟ ହେବା ପରେ ଶନିବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ବିଡ଼ି, ସିଗାରେଟ୍ ଓ ଗୁଟଖା ଜବତ, ୨ ଗିରଫ



**ନୟାଗଡ଼,୭ ।୨(ସମିସ):** ଏସ୍‌ପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ନୟାଗଡ଼ ସଦରଥାନା ଓ ଇଟାମାଟି ଥାନା ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ବାଲୁଗାଁ ଅଞ୍ଚଳରେ ଚଢ଼ଉ କରି ବିପୁଳ ପରିମାଣର ବିଡ଼ି, ସିଗାରେଟ୍ ଓ ଗୁଟଖା ଜବତ କରିଛି । ଏହି ବେଆଇନ କାରବାର କରୁଥିବା ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦ ସାହୁ ଏବଂ ଭଗବାନ ସାହୁ । ଏ ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଦୁଇ ବ୍ୟବସାୟୀ ମାଫିଆ କମଳ ସାହୁଠାରୁ ସମସ୍ତ ସାମଗ୍ରୀ ନେଇ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି । ଏଣୁ ଏହି ଘଟଣାରେ କମଳ ସାହୁଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି । ଏହି ମାମଲାରେ କମଳଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି ସଦର ଥାନା ପୁଲିସ ସୂଚନା ଦେଇଛି । ନୟାଗଡ଼ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଉଭୟ ଥାନା ଅଧିକାରୀ ସଦଳବଳ ଚଢ଼ଉରେ ସାମିଲ ହୋଇଥିଲେ ।

## ଦନ୍ତା ଆକ୍ରମଣରେ ଜଣେ ମୃତ

**ରଣପୁର,୭ ।୨(ସମିସ):** ଖୋର୍ଦ୍ଧା ବନଖଣ୍ଡ ଅଧୀନ ରଣପୁର ରେଞ୍ଜ ମହତପଲ୍ଲା ପଞ୍ଚାୟତ ବିରୁଡ଼ା ଗାଁରେ ଶୁକ୍ରବାର ସନ୍ଧ୍ୟାରେ ଦନ୍ତା ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଗାଁର ଭିକାରୀ ବେହେରା (୫୫) । ଭିକାରୀ ହାତୀକୁ ଦେଖି ଘରେ ପଶି ଯାଉଥିବାବେଳେ ହାତୀ ତାଙ୍କୁ ଶୁଣ୍ଢରେ ଟାଣିଆଣି ପାଦରେ ଦଳିଦେଇଥିଲା । ଘଟଣାସ୍ଥଳରେ ଭିକାରୀଙ୍କ ମୃତ୍ୟୁ ହୋଇଥିଲା । ପରେ ହାତୀ ନିକଟସ୍ଥ ଜଙ୍ଗଲ ଅଭିମୁଖେ ପଳାଇଥିଲା ।

ରଣପୁର ରେଞ୍ଜ ଅଞ୍ଚଳରେ କିଛିଦିନ ହେଲା ୧୯ ଟିକିଆ ହାତୀପଲ ବିଭିନ୍ନ ସ୍ଥାନରେ ଘୂରି ବୁଲୁଛନ୍ତି । ଏମାନଙ୍କ ମଧ୍ୟରୁ ଏକ ଦନ୍ତାହାତୀ ଗୋଠଛଡ଼ା ହୋଇ ବିଭିନ୍ନ ଗାଁରେ ଉତ୍ପାତ କରୁଛି । କାହାର ଧାନ, ପରିବା ଫସଲ ଖାଇ ନଷ୍ଟ କରୁଛି ତ କାହାର ଜୀବନ ନେଉଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବନବିଭାଗ ହାତୀକୁ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଗଣିଆ,୭ ।୨(ସମିସ):** ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ମାଳତିପୁଟ ଚଣ୍ଡିଖୋଲ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ମାଳତିପୁଟର ଅକ୍ଷୟ ପରିଡ଼ାଙ୍କ ପୁଅ ଚୁକ୍ତିପ୍ରସାଦ ପରିଡ଼ା । ଗ୍ରାମରେ ଉତ୍ସବ ଚାଲିଥିବା ବେଳେ ଠାକୁରଙ୍କ ଗ୍ରାମ ପରିକ୍ରମା ସମୟରେ ଚୁକ୍ତିପ୍ରସାଦ ପୂର୍ବାହ୍ନ ୧୦ଟାରେ ଗ୍ରାମରେ ଉପସ୍ଥିତ ଥିଲେ । ଅପରାହ୍ନରେ ତାଙ୍କ ସାଙ୍ଗସାଥୀ ତାଙ୍କୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଜଙ୍ଗଲ ଆଡ଼େ ଯାଇଥିଲେ । ସେଠାରେ ତାଙ୍କ ସାଇକଲ ପଡ଼ିଥିବା ବେଳେ କିଛି ଦୂରରେ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ । ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ରବିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ତଦନ୍ତ ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

## ଗୟଳ ଶିକାର ଘଟଣା, ୩ ଗିରଫ

**ଖଣ୍ଡପଡ଼ା,୭ ।୨(ସମିସ):** ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲରେ ଗୟଳ ଶିକାର ଘଟଣାରେ ବନବିଭାଗ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କିଆଝର ପଞ୍ଚାୟତ ପଣସପଦର ଗ୍ରାମର ସୁର ନାଏକ, ଇଶ୍ୱର ନାଏକ ଏବଂ କୋସକା କୁସୁମଡ଼ା ଗ୍ରାମର ଦିଲୀପ ନାଏକ । ବିଦ୍ୟୁତ୍ ଫାଶରେ ଏକ ଗୟଳ ଶିକାର କରି ତା' ମାଂସ କାଟିନେଇ ବିକ୍ରି କରିବା ସମୟରେ ଅଭିଯୁକ୍ତଙ୍କୁ କାବୁ କରିଥିଲା ବନବିଭାଗ । ନୟାଗଡ଼ ବନଖଣ୍ଡ ଏସିଏଫ ଆଇଶା ଅଖତରି ନିଶାଙ୍କ ନେତୃତ୍ୱରେ ରେଞ୍ଜର ଦିଲୀପ ପଟ୍ଟନାୟକ, ଫରେଷ୍ଟର ଜ୍ୟୋତିରଞ୍ଜନ ମଲ୍ଲିକ ତଥା ବନ କର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ ।

## ଶରଣକୁଳ କଲେଜର ବାର୍ଷିକ ଉତ୍ସବ

**ଶରଣକୁଳ,୭ ।୨(ସମିସ):** ଶରଣକୁଳ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ରଣପୁର ବିଧାୟିକା ତଥା ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଜୟ କୁମାର ଚୌଧୁରୀ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ । ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପିକା ମନୋଳିନୀ ଦଳବେହେରା ସହଯୋଗ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

**● ଜବରଦଖଲ ଉଚ୍ଛେଦ ଘଟଣା**

## ଖଣ୍ଡପଡ଼ା ରାଜନୀତି ସରଗରମ, ଚର୍ଚ୍ଚା ଜୋରଦାର

**ଖଣ୍ଡପଡ଼ା,୭ ।୨(ସମିସ):** ଖଣ୍ଡପଡ଼ାରୁ ଫତେଗଡ଼ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ନେଇ ପ୍ରଶାସନ ପକ୍ଷରୁ କିଛିଦିନ ଧରି ଜବରଦଖଲ ଉଚ୍ଛେଦ ଅଭିଯାନ ପରେ ଏବେ ରାସ୍ତା ପାର୍ଶ୍ୱସ୍ଥ ସରକାରୀ ଜାଗାରେ ସ୍ଥାୟୀ ବାସଗୃହ ଓ ଦୋକାନ ଗୃହ ନିର୍ମାଣ କରିଥିବା ଲୋକଙ୍କ ନିଦ ହଜିଛି । ପ୍ରଶାସନର ତାଗିଦକୁ ନେଇ ଜବରଦଖଲକାରୀମାନେ ଶୁକ୍ରବାରଠାରୁ ନିଜ ଘର ଭାଙ୍ଗିବା କାର୍ଯ୍ୟରେ ଲାଗି ପଡ଼ିଥିବା ଦେଖିବାକୁ ମିଳୁଛି । ମୋଟାମୋଟି ଖଣ୍ଡପଡ଼ା ସହର ତ୍ରିନାଥ ଛକରୁ ମା' ଉମାଦେବୀଙ୍କ ଛକ ମଧ୍ୟରେ ୧୫ରୁ ଊର୍ଦ୍ଧ୍ୱ ପ୍ରଭାବଶାଳୀଙ୍କ ବ୍ୟକ୍ତିଙ୍କ ବାସଗୃହ ଓ ସ୍ଥାୟୀ ଦୋକାନ ଗୃହ ମାଟିରେ ମିଶିଛି । ରାସ୍ତା ସମ୍ପ୍ରସାରଣ ନେଇ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ରାସ୍ତାର ଉଭୟ ପାଶ୍ୱର୍ରେ ଚିହ୍ନଟ ସରକାରୀ ଜାଗାରୁ ନିର୍ଦ୍ଧାରିତ ସମୟରେ ଜବରଦଖଲକାରୀମାନେ ନ ହଟିଲେ ପୁନର୍ବାର ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ ବୋଲି ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ମାସକ ପୂର୍ବରୁ ଉଭୟ ତହସିଲ ଓ ଏନଏସି ପ୍ରଶାସନ ପକ୍ଷରୁ ରାସ୍ତା ମାପଚୁପ କରାଯିବା ପରେ ସୀମା ଚିହ୍ନଟ ହୋଇ ଲୋକଙ୍କୁ ନୋଟିସ କରାଯାଇଥିଲା । ରାସ୍ତା ସମ୍ପ୍ରସାରଣ ନିମନ୍ତେ ଯେତିକି ଆବଶ୍ୟକ ସେତିକି ଜବରଦଖଲ ଉଚ୍ଛେଦ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଥିବା ବେଳେ ଏବେ ଆବଶ୍ୟକଠାରୁ ଅଧିକ ଉଚ୍ଛେଦ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବିଶେଷକରି ଜବରଦଖଲ ଉଚ୍ଛେଦକୁ ନେଇ ଏବେ ରାଜନୀତି ସରଗରମ ହୋଇଛି । ମେଗା ପ୍ରୋଜେକ୍ଟ ଓ ପୂର୍ତ୍ତ ବିଭାଗଠାରୁ ମୋଟା ଅଙ୍କର ଅର୍ଥ ନେଇ ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ପ୍ରଭାବଶାଳୀ ନେତାମାନେ ପ୍ରଶାସନକୁ ସହଯୋଗ କରୁଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ଏହି ଉଚ୍ଛେଦ ପାଇଁ ବହୁ ଲୋକଙ୍କ ମୂଲ୍ୟବାନ ଘର ନଷ୍ଟ ହୋଇଥିବା ବେଳେ ଏଥିପ୍ରତି ଶାସକ ଦଳର ନେତାଙ୍କ ନିରବତା କ୍ଷତିଗ୍ରସ୍ତ ଲୋକଙ୍କୁ ଖୁବ ବାଧିବା ସହ ଆଗାମୀ ଦିନରେ ଭୋଟ ମାଧ୍ୟମରେ ପାନେ ଚଖେଇବେ ବୋଲି ସାଧାରଣରେ ଆଲୋଚନା ହେଉଛି । ସେହିପରି ପର୍ଯ୍ୟାୟକ୍ରମେ ଖଣ୍ଡପଡ଼ା ସହରର ତ୍ରିନାଥ ଛକରୁ ବଡ଼େଇସାହି ଦେଇ ଡାକ୍ତରଖାନା ଛକକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାଶ୍ୱର୍ରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ ବୋଲି ଖଣ୍ଡପଡ଼ା ତହସିଲ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି । ସବୁଠାରୁ ବଡ଼ କଥା ହେଲା, ନିକଟରେ ପୂର୍ବତନ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସୌମ୍ୟ ବିହାର ପାଚେରି ଭଙ୍ଗାଯିବା ଘଟଣା । ଯାହାକୁ ନେଇ ରାଜନୈତିକ ମହଲ ବେଶ ସରଗରମ ହୋଇଛି ।

## ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ବିଡିଓଙ୍କ ତାଗିଦ୍

**ଓଡ଼ଗାଁ,୭ ।୨(ସମିସ):** ଓଡ଼ଗାଁ ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ବୈଠକରେ ବିଡିଓ ପ୍ରୀତିବାଳା ରଣା ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ମା' ପରି ଶିଶୁମାନଙ୍କ ଯତ୍ନ ନେବାକୁ କଠୋର ଭାବେ ପରାମର୍ଶ ଦେଇଛନ୍ତି । ବିଡିଓ କହିଥିଲେ ଯେ ଶିଶୁ ମାତୃଗର୍ଭରେ ସଞ୍ଚାରିତ ହେବାଠାରୁ ଜନ୍ମ ଏବଂ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି । ଏହି ସମୟସୀମାରେ ଶିଶୁ ଓ ମା'ଙ୍କ ପ୍ରତି କୌଣସି ଅବହେଳା ଗ୍ରହଣୀୟ ନୁହେଁ । ଉଲ୍ଲେଖଯୋଗ୍ୟ, ଗତ ଜାନୁଆରୀ ୩୧ରେ କୁରୁମ ବାଙ୍କତରା ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ବାହାର ଖାଦ୍ୟ ଦିଆଯାଇଥିବା ନେଇ ଗ୍ରାମବାସୀ ଓ ଅଭିଭାବକ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ । ଫେବୃଆରୀ ୨ରେ ବିଡିଓ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲହଡ଼ିମାଳା ପ୍ରଧାନ ଓ ଅଞ୍ଚଳ ପରିଦର୍ଶିକା ଉକ୍ତ କେନ୍ଦ୍ରକୁ ଯାଇ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ପରଖିଥିଲେ । ଏହି ଘଟଣାକୁ ଦୃଷ୍ଟିରେ ରଖି ବିଡିଓଙ୍କ ନିର୍ଦ୍ଦେଶରେ ଶନିବାର ଶିଶୁ ବିକାଶ ଅଧିକାରୀ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ନେଇ ବୈଠକ ଡାକି ସଚେତନ କରିଥିଲେ ।

## ଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ 'ମନରେଗା ବଞ୍ଚାଅ' ଧାରଣା



**ନୟାଗଡ଼,୭ ।୨(ସମିସ):** କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେଙ୍କ ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ ମନରେଗା ବଞ୍ଚାଅ ଆନ୍ଦୋଳନ ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମନରେଗା ବଞ୍ଚାଅ ଦାବି ସହ ଟାଟା ପାୱାର ମନମାନି ଓ ଚାଷୀ ଶୋଷଣ ପ୍ରତିବାଦରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲାପାଳ ମଧୁମିତା ରଥଙ୍କୁ ମନରେଗା ଆଇନର ସୁରକ୍ଷା ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭ ସଭାରେ ଡିସିସି ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ଧ୍ରୁବଚରଣ ପରିଡ଼ା, ସୁକାନ୍ତ ଶତପଥୀ ବରିଷ୍ଠ ନେତା ସରୋଜ ପରିଡ଼ା, ହୁସେନ ଖାଁ, ମନୋଜ ସାହୁ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁଙ୍କ ସମେତ ବହୁ ନେତା ମନରେଗା ଆଇନ ରଦ୍ଦ, ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦଦେବାକୁ ନେଇ ପ୍ରତିବାଦ କରିଥିଲେ । କଂଗ୍ରେସ ସରକାର ସମୟର ମନରେଗା ଆଇନ୍ ଦେଶର ୪୦ କୋଟି ଶ୍ରମିକ, କୃଷକ ଓ ଦିନ ମଜୁରିଆଙ୍କୁ ସର୍ବନିମ୍ନ ୧୦୦ ଦିନର ନିଶ୍ଚିତ ରୋଜଗାର ପ୍ରଦାନ କରୁଥିବା ବେଳେ ବର୍ତ୍ତମାନର ବିଜେପି ସରକାରର ଭିଭି ରାମଜୀ ଆଇନରେ ଶ୍ରମିକଙ୍କ ପାଇଁ ନିଶ୍ଚିତ ରୋଜଗାରର ବ୍ୟବସ୍ଥା ନାହିଁ ବୋଲି ବକ୍ତାମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଚାଷୀ, ଶ୍ରମିକ, ମହିଳା, ଛାତ୍ର, ଯୁବକ ଯୋଗଦେଇଥିଲେ ।

## ମୃତ ଛାତ୍ରଙ୍କ ପରିବାରକୁ ଭେଟିଲେ ବିଧାୟକ



**ଗଣିଆ,୭ ।୨(ସମିସ):** ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଲିକଙ୍କ ମୃତ୍ୟୁକୁ ୫ ଦିନ ବିତିଯାଇଥିଲେ ମଧ୍ୟ ମୃତ୍ୟୁର କାରଣ ଜଣାପଡ଼ିନାହିଁ । ପରିବାର ଲୋକେ ଏହାକୁ ହତ୍ୟାକାଣ୍ଡ ବୋଲି ଦାବି କରିବା ସହିତ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି । ଏପରିକି ଗ୍ରାମବାସୀ ଦୁଇ ଦୁଇ ଥର ଗଣିଆ ବଜାରରେ ରାସ୍ତାରୋକ କରିଛନ୍ତି । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଶନିବାର ମୃତ ଛାତ୍ରଙ୍କ ପରିବାରକୁ ଭେଟି ସାନ୍ତ୍ୱନା ପ୍ରଦାନ କରିଛନ୍ତି । ପରିବାର ଲୋକେ ବିଧାୟକଙ୍କୁ ସମସ୍ତ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି । ୫ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ପୁଅର ହତ୍ୟାକାରୀକୁ ଉପଯୁକ୍ତ ଶାସ୍ତି ଦେବାକୁ ବିଧାୟକଙ୍କୁ ନିବେଦନ କରିଛନ୍ତି । ବିଧାୟକ ମଧ୍ୟ ସେମାନଙ୍କ ଦାବିକୁ ସମର୍ଥନ କରିବା ସହ ପରିବାରକୁ ଉପଯୁକ୍ତ ନ୍ୟାୟ ଏବଂ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି । ବିଧାୟକଙ୍କ ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ସଭାପତି ଶେଷଦେବ ସ୍ୱାଇଁ, ଉପାଧ୍ୟକ୍ଷ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




**ଗଣିଆ,୭ ।୨(ସମିସ):** ଗଣିଆ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗିରିଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ମୁଖ୍ୟବକ୍ତା ଭାବେ ନୟାଗଡ଼ ସଙ୍କୁଳ ପ୍ରମୁଖ ଦୀଲୀପ କୁମାର ମିଶ୍ର, ବିଦ୍ୟାଳୟ ସମ୍ପାଦକ ବସନ୍ତ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଶରତ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ । ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୂତନ ଜଳବିଶୋଧକ ଯନ୍ତ୍ର ଉଦଘାଟନ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କରିବାକୁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ନୀଳମାଧବ ମହାବିଦ୍ୟାଳୟର ବାର୍ଷିକୋତ୍ସବ



**କଣ୍ଟିଲୋ,୭ ।୨(ସମିସ):** ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । କଲେଜ ଅଧ୍ୟକ୍ଷା ଡ. ନନ୍ଦିତା ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଏସଡିପିଓ ମଦନ ମୋହନ ପ୍ରଧାନ, ପ୍ରାକ୍ତନ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ସମାଜସେବୀ ଅଖିଳ ମହାରଣା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡ଼ା ତଥା ବିଭିନ୍ନ ଇଭେଣ୍ଟରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଛାତ୍ର ସଂସଦ ଉପଦେଷ୍ଟା ତଥା ଇଂରାଜୀ ବିଭାଗ ମୁଖ୍ୟ ଓମପ୍ରକାଶ ସାହୁ ବିବରଣୀ ପାଠ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

**● ଖାନ୍ ଏକାଡେମୀ ପ୍ରତିଯୋଗିତା**

## ବାଇଗୁଣିଆ ହାଇସ୍କୁଲ ଜିଲ୍ଲାରେ ଶ୍ରେଷ୍ଠ

**ଭାପୁର,୭ ।୨(ସମିସ):** ଖାନ ଏକାଡେମୀ ତରଫରୁ ଆୟୋଜିତ ପ୍ରତିଯୋଗିତାରେ ଭାପୁର ବ୍ଲକ ବାଇଗୁଣିଆ ତନ୍ତୁବାୟ ସହଯୋଗ ହାଇସ୍କୁଲ ଜିଲ୍ଲାରେ ଏକମାତ୍ର ବିଦ୍ୟାଳୟ ଭାବେ ଏହି ସମ୍ମାନ ଅଧିକାରୀ ହୋଇଛି । ଭୁବନେଶ୍ୱର ଡୁମୁଡୁମାରେ ଥିବା ଆଇଟିସି ୱେଲକମ ହୋଟେଲରେ ଶୁକ୍ରବାର ପଞ୍ଚସଖା ଶିକ୍ଷାସେତୁ ଓ ଓସେପା ମିଳିତ ସହଯୋଗରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ତନ୍ତୁବାୟ ସହଯୋଗ ସରକାରୀ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଅର୍ପିତା ନାୟକ ପୁରସ୍କାର ଗ୍ରହଣ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଶିବପ୍ରସାଦ ଦାସ ଉପସ୍ଥିତ ଥିଲେ । ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ଭାପୁର ବ୍ଲକ ଶିକ୍ଷାଧିକାରୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରତାପ ରଣା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇଛନ୍ତି ।

## ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ କାର୍ଯ୍ୟକ୍ରମ 'କଳିକା'



**ନୟାଗଡ଼,୭ ।୨(ସମିସ):** ଜିଲ୍ଲା ପୁଲିସ ଦ୍ୱାରା ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ କାର୍ଯ୍ୟକ୍ରମ କଳିକା-୨ ରିଜର୍ଭ ପୁଲିସ ପଡ଼ିଆରେ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଷଷ୍ଠରୁ +୩ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରତିଭା ଉନ୍ମେଷ ଓ ବିକାଶ ଆଧାରିତ ଏହି କାର୍ଯ୍ୟକ୍ରମରେ ରଙ୍ଗୋଲି, କୁଇଜ, ସାଧାରଣ ଜ୍ଞାନ, ମୂକାଭିନୟ, ଲୋକନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସାମାଜିକ ସଚେତନତା ପାଇଁ ଫାୟାର ଫାଇଟିଂ, ସ୍ନେକ ହେଲ୍ପଲାଇନ୍, ଫାଷ୍ଟଏଡ୍ ଏବଂ ସେଲ୍ଫ ଡିଫେନ୍ସ ସହ ମ୍ୟାଜିକ ସୋ ଆଦି ପ୍ରଦର୍ଶିତ ହୋଇଥିଲା । ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ, ସମ୍ମାନିତ ଅତିଥି ଭାବେ ପୁଲିସ୍ ପ୍ରଶିକ୍ଷଣ ବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଏସିଏଫ୍‌ଓ ହିମାଂଶୁ ମୁଦୁଲି ଯୋଗଦେଇଥିଲେ । ଏସ୍‌ପି ସୁଶ୍ରୀ ଏଥିରେ ସଭାପତିତ୍ୱ କରିଥିଲେ । ଏଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ ।

**ବିଜେଡିର ସାଙ୍ଗଠନିକ ବୈଠକ**

## ୧୧ରେ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ

**ନୟାଗଡ଼,୭ ।୨(ସମିସ)**




ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ଶନିବାର ନିର୍ବାଚନ ମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକକୁ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା ସଂଯୋଜନା କରିଥିଲେ । ନବନିର୍ବାଚିତ ବ୍ଲକ ସଭାପତି ଭଞ୍ଜକିଶୋର ମହାପାତ୍ର ଏବଂ ପୌର ପରିଷଦ ବିଜେଡି ସଭାପତି ଦାଶରଥି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟରେ ବିଜେପି ସରକାର ପ୍ରତି ଲୋକଙ୍କ ମଧ୍ୟରେ ବିତୃଷ୍ଣା ଆରମ୍ଭ ହେଲାଣି । ଆଗାମୀ ଦିନରେ ଲୋକେ ଉଚିତ୍ ଜବାବ ଦେବେ ବୋଲି ବିଧାୟକ ସାହୁ କହିଥିଲେ । ଏହା ସହିତ ସଂଗଠନକୁ ମଜବୁତ୍ କରିବା ଉପରେ ବକ୍ତବ୍ୟ ରଖିଥିଲେ । ଚାଷୀ ସମସ୍ୟା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଆଗାମୀ ୧୧ ତାରିଖ ବିକ୍ଷୋଭ କାର୍ଯ୍ୟକ୍ରମ କରାଯିବାକୁ ବିଧାୟକ ସୂଚନା ଦେଇଥିଲେ । ନୟାଗଡ଼ ଖେଳପଡ଼ିଆରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବ ବୋଲି ସୂଚନା ଦେଇଥିଲେ । ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟ ନିର୍ବାଚନ ମଣ୍ଡଳୀରୁ ମଧ୍ୟ ଲୋକେ ସାମିଲ ହେବେ ବୋଲି ସେ କହିଥିଲେ । ବୈଠକରେ ବରିଷ୍ଠ ନେତ୍ରୀ ଇରାନୀ ରାୟ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବିଜେଡି ମହିଳା ସଭାପତି ବିରଜାଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ସଭାପତି ସୁବାସ ଚନ୍ଦ୍ର କହଁରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ ।

## ବାଇକ ଚୋରି ରାକେଟ୍‌ର ପର୍ଦ୍ଦାଫାସ୍

# ୧୫ ବାଇକ ଜବତ, ୫ ଗିରଫ

ଖୋର୍ଦ୍ଧା/ନିରାକାରପୁର, ୭।୨(ସମିସ)



ନିରାକାରପୁର ପୁଲିସକୁ ମିଳିଛି ବଡ଼ ସଫଳତା। ବାଇକ ଚୋରି ରାକେଟର ଜଣେ ନାବାଳକ ସମେତ ୫ଜଣଙ୍କ ଗିରଫ କରିଛି। ସେମାନେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଗ୍ରାମର ମୁଖ୍ୟ ଅଭିଯୁକ୍ତ ସନାତନ ପ୍ରଧାନ ଓରଫ ନନ୍ଦ(୨୦), ଗଡଡିଆପଡା ଗ୍ରାମର ଶୁଭମ ସାମନ୍ତରାୟ(୧୯), ଖଡିପଦର ଗ୍ରାମର ସୁକାନ୍ତ ରାଉତରାୟ(୨୩), ନୟାଗଡ ଜିଲ୍ଲା ଇଟାମାଟି ଥାନା ଅଙ୍କୁଲାପାଟଣା ଗ୍ରାମର ଦିଲୀପ କୁମାର ସାହୁ ଓରଫ ଦିଲୁ(୩୪)। ଏଥିସହିତ ବାଇକ ରଖିଥିବା ଜାଲଭାର ଗ୍ରାମର ଜଣେ ୧୬ବର୍ଷିୟ ନାବାଳକ ରହିଛି। ଗିରଫ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ନାବାଳକକୁ ପୁଲିସ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ସେମାନଙ୍କଠାରୁ ୧୫ଟି ଚୋରା ବାଇକ୍, ଭାଙ୍ଗିଯାଇଥିବା ମୋଟରସାଇକେଲ ପାର୍ଟସ, ୫ଟି ମୋବାଇଲ୍ ଫୋନକୁ ପୁଲିସ ଜବତ କରିଛି ବୋଲି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

ଏସ୍‌ପି ଶର୍ମାଙ୍କ ସୂଚନା ଅନୁଯାୟୀ ଗତ ୬ତାରିଖ ସନ୍ଧ୍ୟାରେ ନିରାକାରପୁର ପୁଲିସ ନୂଆ ଜଗନ୍ନାଥ ସଡକ କଲେଜ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପୁରୀ ପଟୁ ରାମେଶ୍ୱର ଆଡକୁ ଯାଉଥିବା ଜଣେ ଯୁବକଙ୍କୁ ଅଟକାଇବା ବେଳେ ସେ ଖସିଯିବାକୁ ଉଦ୍ୟମ କରିବା ସମୟରେ ପୁଲିସ ତାଙ୍କୁ ଧରିଥିଲା। ତାଙ୍କୁ ପଚରାଉଚୁରା କରିବା ବେଳେ ସେ ନିଜ ନାମ ସନାତନ ପ୍ରଧାନ ପରିଚୟ ଦେଇଥିବା ବେଳେ ବାଇକ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ପୁଲିସ ଚୋରା ବାଇକ ବୋଲି ସନ୍ଦେହ ହେବାରୁ ପଚରାଉଚୁରା ବେଳେ ସେ ସ୍ୱୀକାର କରିଥିଲା। ପୁଲିସ ତାଠାରୁ ବାଇକୁ ଜବତ କରି ଥାନାରେ ଏକ ମାମଲା(ନଂ୪୭/୨୬) ରୁଜୁ କରିଥିଲା। ତାଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚୁରା ବେଳେ ସନାତନ ଏବଂ ତାଙ୍କ ସହଯୋଗୀଙ୍କ ସହ ମିଶି ଜଟଣୀ, ଖୋର୍ଦ୍ଧା ସହର, ପୁରୀ ଜିଲ୍ଲାର କିଛି ଅଂଚଳ ଏବଂ ଖୋର୍ଦ୍ଧାର ସଂଲଗ୍ନ ଜିଲ୍ଲାର ବିଭିନ୍ନ ଅଂଚଳରୁ ବାଇକ ଚୋରି କରି ସାଧାରଣ ଲୋକଙ୍କୁ କମ୍ ମୂଲ୍ୟରେ ବିକ୍ରି କରୁଥିବା ଜଣାଇଥିଲା।

ଚୋରା ବାଇକ ଜବତ ଏବଂ ରାକେଟକୁ ଧରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍‌ପି ତଥା ଭାରପ୍ରାପ୍ତ ସଦର ଏସଡିପିଓ ନିହାର ରଞ୍ଜନ ପ୍ରଧାନ, ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ନିରାକାରପୁର ଥାନା ଧିକାରୀ ବିଶ୍ୱଜିତ ରାଉତରାୟ, ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ, ସଦର ଥାନାଧିକାରୀ ବାସୁଦେବ ଜୟସିଂଙ୍କ ସମେତ ନିରାକାରପୁର ଥାନା ଏସ୍‌ଆଇ ଦିପଲିସ୍ମା ନାୟକ ଏବଂ ଅନ୍ୟ ମାନଙ୍କୁ ନେଇ ଗଠିତ ୩ଟିମ୍ ସନାନତର ତଥ୍ୟ ଅନୁଯାୟୀ ବିଭିନ୍ନ ସ୍ଥାନରେ ଚଢଉ କରି ୧୫ଟି ବାଇକ ଜବତ କରିଥିବା ବେଳେ ଚୋରା ବାଇକ କାରବାରରେ ସଂପୃକ୍ତ ଅଭିଯୁକ୍ତ ଏବଂ ଚୋରା ବାଇକ କ୍ରୟ କରିଥିବା ଦୁଇଜଣ ଏବଂ ଚୋରା ବାଇକ୍ ରଖି ତାକୁ କାଟି ପାର୍ଟସ୍ ବିକ୍ରି କରୁଥିବା ଅଙ୍କୁଲାପାଟଣା ଗ୍ରାମର ଦିଲୁକୁ ଗିରଫ ସହ ସେମାନଙ୍କ ଠାରୁ ବାଇକ ଓ ବାଇକ୍ ପାର୍ଟସ ଜବତ କରିଥିଲେ। ଏଥିରେ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଶର୍ମା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଭାରପ୍ରାପ୍ତ ସଦର ଏସଡିପିଓ ପ୍ରଧାନ, ବାଲୁଗାଁ ଏସଡିପିଓ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ବେକରୁ ସୁନା ଅଳଙ୍କାର ଲୁଟ୍ ଘଟଣା
## ୧୪ ମାସ ପରେ ଲୁଟେରା ଗିରଫ, ଅଳଙ୍କାର ଉଦ୍ଧାର

ବାଣପୁର, ୭।୨(ସମିସ): ବାଣପୁର ଥାନା ଅଞ୍ଚଳରୁ ସ୍ପଷ୍ଟ ଦିବାଲୋକରେ ବନ୍ଧୁକ ଦେଖାଇ ଜଣେ ମହିଳାଙ୍କ ବେକରୁ ଚେନ ଆଦି ସୁନା ଅଳଙ୍କାର ଲୁଟି ନେବା ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତା ନିକଟରୁ ଅଳଙ୍କାର ଉଦ୍ଧାର କରିଛି ବାଣପୁର ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ମୋହନା ଗ୍ରାମ ଜଗନ୍ନାଥ ମନ୍ଦିର ସାହିର ସୁଶାନ୍ତ ପାଣିଗ୍ରାହୀଙ୍କ ପୁଅ ସାଗର ପାଣିଗ୍ରାହୀ (୨୭)। ଗତ ୨୦୨୪ ମସିହା ଅକ୍ଟୋବର ୨୯ ତାରିଖ ଅପରାହ୍ଣ ପ୍ରାୟ ୩ ଟାରେ ବାଣପୁର ଥାନା ଅନ୍ତର୍ଗତ କୁମାରାଙ୍ଗ ରୋଡରେ ବାସ କରୁଥିବା ପବନଦୀପ ସ୍ୱାଇଁ ଏକ ବାଇକ୍ ଯୋଗେ ତାଙ୍କ ପତ୍ନୀ ବିଷ୍ଣୁପ୍ରିୟା ବରାଦଙ୍କୁ ନେଇ ବାଣପୁର ବଜାରରୁ କାର୍ଯ୍ୟସାରି ଫେରିବା ବାଟ କଲେଜ ଛକରେ ସଉଦା କିଣୁଥିବାବେଳେ ହଠାତ୍ ଦୁଇ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଏକ ବାଇକରେ ଆସି ବିଷ୍ଣୁପ୍ରିୟା ବେକରେ ପିନ୍ଧିଥିବା ଚେନ୍ ଆଦି ସୁନା ଅଳଙ୍କାର ଝାମ୍ପିନେଇ ଚାଲି ଯିବାକୁ ଚେଷ୍ଟା କରିବାରେ ପବନଦୀପ ଓ ସ୍ଥାନୀୟ ଲୋକେ ଅଟକାଇବାରେ ଦୁର୍ବୃତ୍ତମାନେ ଏକ ବନ୍ଧୁକ ଦେଖାଇ ଭୟଭୀତ କରାଇ ଜୀବନରେ ମାରିଦେବାକୁ ଧମକ ଦେଇ ଆଖି ପିଛୁଳାକେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଲୁଟ ୬୦ ଗ୍ରାମର ସୁନା ଅଳଙ୍କାର ଆନୁମାନିକ



ମୂଲ୍ୟ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କ ହେବ ବୋଲି ବିଷ୍ଣୁପ୍ରିୟା କହିଥିବା ବେଳେ ଏନେଇ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ବାଣପୁର ଥାନା ଅଧିକାରୀ ରମେଶ ଦେବତା ପୁଲିସ ଟିମ ସହ ତଦନ୍ତ ଜରି ରଖିଥିବା ବେଳେ ଉକ୍ତ ଅଞ୍ଚଳରେ ଲାଗି ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ସହ ମୋବାଇଲ ଟ୍ରାକିଂ ଜରିଆରେ ଅଭିଯୁକ୍ତ ସାଗରକୁ ଚିହ୍ନଟ କରି ଦୀର୍ଘ ୧୪ ମାସ ପରେ ମୋହନା ଗ୍ରାମରୁ ଅଭିଯୁକ୍ତ ସାଗରକୁ ଗିରଫ କରିବା ସହ ତା ନିକଟରୁ ଓଡି୦୭ ଏଏମ ୮୮୫୯ ନମ୍ବର ବିଶିଷ୍ଟ ଏକ ହୋଣ୍ଡା ମୋଟର ସାଇକେଲ, ଗୋଟିଏ ସୁନା ହାର ଓ ଏକ ମୋବାଇଲ ଜବତ କରିବାରେ ବାଣପୁର ପୋଲିସକୁ ସଫଳତା ମିଳିଛି।ତେବେ ଗିରଫ ଅଭିଯୁକ୍ତ ସାଗରକୁ ଶନିବାର କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତକୁ ଯଥାଶୀଘ୍ର ଧରିବା ପାଇଁ ପ୍ରୟାସ ଜାରି ରଖିଛି ବୋଲି ପୁଲିସ ପକ୍ଷରୁ ସୁଚନା ମିଳିଛି।

## ହାତୀ ଆକ୍ରମଣରେ ଜଣେ ମୃତ



**କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

ବେଗୁନିଆ/ନିରାକାରପୁର, ୭।୨(ସମିସ): ବେଗୁନିଆ ବ୍ଲକ ସିକୋ ପଞ୍ଚାୟତ ଅନ୍ତର୍ଗତ ଖଡ଼ିପଦର ଗ୍ରାମରେ ବିଳମ୍ବିତ ରାତ୍ରରେ ଏକ ଦନ୍ତାହାତୀ ପଶି ପ୍ରଥମେ ପ୍ରତାପ ସାମନ୍ତରାୟଙ୍କର ଘର ଗ୍ରିଲ ଭାଙ୍ଗି ଫାଷ୍ଟ ଫୁଡ ସାମଗ୍ରୀ ଦଳି ଚକଟି ନଷ୍ଟ କରି ଦେଇଥିଲା। ପରେ ସନ୍ତୋଷ କୁମାର ରାଉତରାୟଙ୍କ ଘରୁ ସାଇକେଲ ଯୋଗେ ଧାନ ଧରିଆସୁଥିବା ବେଳେ ଶଙ୍କର କୁମାର ରାଉତରାୟ (୪୬) ହାତୀ ସମ୍ମୁଖରେ ପଡି ଯାଇ ଥିବାରୁ ଆକ୍ରମଣ କରି ମୁଣ୍ଡ ଗଣ୍ଡି ଅଲଗା କରି ଫୋପାଡ଼ି ଦେଇଥିଲା। ଭୋର ସମୟରେ ଲୋକମାନେ ମୃତ୍ୟୁ ଖବର ପାଇ ଖଡ଼ିପଦର ଛକରେ ନୂଆ ଜଗନ୍ନାଥ ସଡ଼କ ରାସ୍ତା ଉପରେ କ୍ଷତି ପୂରଣ ପ୍ରଦାନ ପାଇଁ କଣ୍ଟା ପକାଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏସିଏଫଓ ଦେବାଶିଷ ଭୋଇ, ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା ଘଟଣାସ୍ଥଳରେ ପହଁଚି ଲୋକମାନଙ୍କୁ ବୁଝାସୁଝା କରୁଥିବା ସମୟରେ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ରୁପକାନ୍ତି ସାହୁ, ସର୍ବେଶ୍ୱର ମଙ୍ଗରାଜ, ଦୁର୍ଗାଚରଣ ସ୍ୱାଇଁ, ଦୁର୍ଗାଚରଣ ମଙ୍ଗରାଜ ଓ ଏହା ଜିଲ୍ଲାପରିଷଦ ତନୁଜା ପାଟଶାଣୀ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ଦାବି କରିଥିଲେ। ବେଗୁନିଆ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ପହଁଚି ରେଡ କ୍ରସ ପାଣ୍ଠିରୁ ୩୦ ହଜାର ପ୍ରଦାନ କରାଯିବାର ପ୍ରତିଶ୍ରୁତି ପାଇବାରୁ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା।

## ନିଳାମ୍ବୁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା | ମନମୋହିଲା ନୀଳଶୈଳ ନୃତ୍ୟାଞ୍ଜଳି



ଟାଙ୍ଗୀ, ୭।୨(ସମିସ): ଟାଙ୍ଗୀ ବ୍ଲକ ସାମ୍ବାଦିକ ସଙ୍ଘ ଆନୁକୂଲ୍ୟରେ ଐତିହାସିକ ଚାନ୍ଦପୁର ଦଶଦୋଳ ପଡିଆରେ ଚତୁର୍ଥ ବାର୍ଷିକ ନିଳାମ୍ବୁ ମହୋତ୍ସବର ଦ୍ୱିତୀୟ ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ସାମ୍ବାଦିକ ସଙ୍ଘର ସଭାପତି ପଦ୍ମନାଭ ବିଶ୍ୱାଳ ଅଧକ୍ଷତା କରିଥିଲେ। ଅତିଥି ଭାବେ କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିୟାରସିଂହ, କାର୍ଯ୍ୟକାରୀ ସଭାପତି ରାମଚଣ୍ଡୀ ଦଳବେହେରା, ମୃତ୍ୟୁଞ୍ଜୟ ଛୋଟରାୟ, ରବିନାରାୟଣ ଚମ୍ପତି, ଭବାନୀ ଚମ୍ପତି, ଭାଗିରଥି ମଙ୍ଗରାଜ, ରତିକାନ୍ତ ପ୍ରଧାନ, ପାଇକଗୁରୁ କବିରାଜ ପ୍ରଧାନ, ଅନୁଷ୍ଠାନର କୋଷାଧକ୍ଷ ଦାମୋଦର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।ସଙ୍ଘର ବରିଷ୍ଠ ସଭ୍ୟ ଉମେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ନୀଳଶୈଳ ନୃତ୍ୟାଞ୍ଜଳି ନୃତ୍ୟ କଳା ଉପସ୍ଥିତ ଦର୍ଶକ ମାନଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖିଥିଲା। ଏଥିସହିତ ଆଦର୍ଶ ବିଦ୍ୟାଳୟ ଟାଙ୍ଗୀ ନଟରାଜ ଡ୍ୟାନ୍ସ ଗ୍ରୁପ ଚାନ୍ଦପୁର, ବୀଣାପାଣି ଶିଶୁମନ୍ଦିର ଚାନ୍ଦପୁର ଓ ଦେବ ନୃତ୍ୟାମ ସେମାନଙ୍କର ମନ୍ତ୍ର ମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ର କନ୍ଧ ନୟାଗଡ, ନାଟରାଜ ଡ୍ୟାନ୍ସ ଏକାଡେମୀ ଚାନ୍ଦପୁର, ଦେବ ନୃତ୍ୟ ଚାନ୍ଦପୁର, ଆଦିର କଳାକାର ମାନେ ପ୍ରଥମ ସନ୍ଧ୍ୟାରେ ଉଚ୍ଚ କୋଟିର ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ସଦସ୍ୟ ପ୍ରଦୀପ ସାହୁ, ପ୍ରଦୀପ କୁମାର ମହାପାତ୍ର, ଉଦଘୋଷାକଭାବେ ଅଧ୍ୟାପକ ସତ୍ୟ ନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା

ଖୋର୍ଦ୍ଧା,୭।୨ (ସମିସ): ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡାଆଣୀ ସନ୍ଦେହରେ ନିର୍ଯାତନା ବନ୍ଦ କରିବା ସମ୍ପର୍କିତ ଏକ ଦିବସୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ବୈଠକରେ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟସ୍ତରୀୟ ମୁଖ୍ୟ ପ୍ରଶିକ୍ଷିକା ମାନସୀ ପାଢ଼ୀ ଯୋଗଦେଇ ସମାଜରେ ଡାହାଣୀ ପ୍ରଥା ଘୃଣ୍ୟ ତଥା ଅପରାଧ। ଡାଆଣୀ ଚିରିଗୁଣି ଲାଗିବା, ଗୁଣିଗାରେଡି ଚେଙ୍କ ମାଧ୍ୟମରେ ଏହାକୁ ଭଲ କରିବା ପାଇଁ ଝାଡ଼ିବା ଆଦି ଅନ୍ଧ ବିଶ୍ୱାସ ଓ ସାମାଜିକ କୁ ସଂସ୍କାର ପ୍ରଥାର ସମ୍ପୂର୍ଣ୍ଣ ବିଲୋପ ସଭ୍ୟ ସମାଜ ପାଇଁ ଅନିବାର୍ଯ୍ୟ ଅଟେ। ଏହାର ବିଲୋପ ଘଟିଲେ ଏକ ସୁସ୍ଥ, ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବ ବୋଲି ସେ କହିଛନ୍ତି। କର୍ମଶାଳରେ ପୁଲିସ କର୍ମଚାରୀ, ସରପଂଚ, ୱାର୍ଡ ସଭ୍ୟ, ଆଶା, ଅଙ୍ଗନବାଡି କର୍ମୀ, ଏଏନ୍‌ଏମ, କିଶୋରୀ ବାଳିକା କଲେଜ ଛାତ୍ରଛାତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଅନୁସୂଚିତ ଜନଜାତି, ଜାତି ମହିଳା ଏବଂ ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ। ମଞ୍ଚକୁ କାର୍ଯ୍ୟକ୍ରମ ଅଧିକାରୀ ସୌଦାମିନୀ ଦାସ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

## ଜଟଣୀ ପୌର ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା



ଜଟଣୀ, ୭।୨(ସମିସ): ଆଜି ଜଟଣୀ ପୌର ପରିଷଦ ପକ୍ଷରୁ "ମୁଖ୍ୟମନ୍ତ୍ରୀ ସହରୀ ବିକାଶ" ଯୋଜନା ଅଧୀନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା। ଏଥିରେ ୭୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଜଟଣୀ ପୌର ପରିଷଦ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ସବୁ ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ୯୦୬. ୮ ଲକ୍ଷ ଟଙ୍କା ଅନୁଦାନ ମିଳିଥିବା ବେଳେ ଉକ୍ତ ଯୋଜନା ମାଧ୍ୟମରେ ଟାଉନ ହଲ ଉନ୍ନତିକରଣ, ଖୋଲାସ୍ଥାନ ଉନ୍ନତିକରଣ, ଜଳାଶୟ ପୁନ୍ନ ଉଦ୍ଧାର, ବୈଦୁତିକ ବାହାନ ଚର୍ଜିଙ୍ଗ କେନ୍ଦ୍ର, ପଶୁ କଲ୍ୟାଣ, ସ୍ମଶାନ ଉନ୍ନତିକରଣ, ପାଠାଗାର ଉନ୍ନତିକରଣ ଇତ୍ୟାଦି କାର୍ଯ୍ୟ ଅନୁମୋଦିତ ହୋଇଅଛି। ଏହି କାର୍ଯ୍ୟକ୍ରମରେ ଅତିଥିରୂପେ ଭୁବନେଶ୍ୱର ଲୋକ ସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜଟଣୀର ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜଟଣୀ ପୌର ପରିଷଦ ଅଧକ୍ଷ ଅନନ୍ତ ବେହେରା, ଉପାଧକ୍ଷା ଆରତୀ ରାଉତ, ସମାଜସେବୀ ବିଶ୍ୱରଂଜନ ବଡ଼ଜେନା, ଜଟଣୀ ପୌର ପରିଷଦର ନିର୍ବାହୀ ଅଧିକାରିଣୀ ଆକ୍ରିତୀ ଗୋଏଙ୍କା, ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନ, ପାରିଷଦଗଣ, ସାଂସଦ ପ୍ରତିନିଧି ସତୀଶ ଶର୍ମା ଏବଂ ଅନ୍ୟ ବ୍ୟକ୍ତି ବିଶେଷମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଜଟଣୀ ସହରର ବିକାଶ ଉପରେ ଆଲୋକପାତ କରିବା ସହ ଅତିଥିମାନଙ୍କ ଦ୍ୱାରା "ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା"ର ପୁସ୍ତିକା ଉନ୍ମୋଚନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶହ ଶହ ସ୍ଥାନୀୟ ଲୋକେ, ମହିଳା ଗୋଷ୍ଠୀ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ଜଟଣୀ ପୌର ପରିଷଦ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ସାହୁ, ପୌର କର୍ମଚାରୀ ସତ୍ୟବ୍ରତ ତ୍ରିପାଠୀ, ଅଟଳ ଧର୍ମରାଜ, ମନସ୍ୱିନୀ ମହାରଣା, ସୁଜ୍ଞାନୀ ପାଢ଼ୀ, ଶିକ୍ତା ମହାନ୍ତି,ଜ୍ୟୋତିରଞ୍ଜନ ରାଉତରାୟଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

## ଜଟଣୀ ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ପାଠଚକ୍ର

ଜଟଣୀ, ୭।୨ (ସମିସ): ଜଟଣୀ ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ 'ନୂତନ ଶିକ୍ଷାନୀତି ୨୦୨୦ର ପ୍ରୟୋଗ- ସୁଯୋଗ ଏବଂ ସମସ୍ୟା' ଶୀର୍ଷକରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷା ଡ. ସ୍ୱପ୍ନା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଡ. ରମାକାନ୍ତ ମହାଳିକ ଏହି ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ ଏକ ସାରଗର୍ଭକ ଉଦ୍‌ବୋଧନ ଦେଇ ଛାତ୍ରଛାତ୍ରୀଙ୍କୁ ଏହାର ସୁଯୋଗକୁ ସଦ୍‌ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବିଭାଗର ପୂର୍ବତନ ଅଧ୍ୟାପିକା ଡ. ଜହ୍ନନା କୁମାରୀ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପରିମିତା ପ୍ରହରାଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାକାର୍ଯ୍ୟରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁପ୍ରଭା ସାହୁ ପାଠଚକ୍ର ବିଷୟ ଭିତିକ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପିକା ଭାଗ୍ୟଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ତାଳବୋରେଇ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଣପୁର, ୭।୨(ସମିସ) : ବାଣପୁର ବ୍ଲକ ଅନ୍ତର୍ଗତ ତାଳବୋରେଇ ସରକାରୀ ଉଚ୍ଚପ୍ରାଥମିକ ଆଶ୍ରମ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଆଡମ୍ବର ସହ ଅନୁଷ୍ଠିତ



ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବର ସଭାରେ ମୁଖ୍ୟଅତିଥି ଭାବେ ଦାମିଆ ବରବରା ପଂଚାୟତର ସରପଞ୍ଚ ବୀଣାପାଣି ଷଣ୍ଢ, ଅନ୍ୟତମ ଅତିଥି ଭାବେ ନୀଳାଦ୍ରି ପ୍ରସାଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜ କିଶୋର ବଳିୟାରସିଂ, ଶାଳିଆ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସ ନାୟକ, ବିଂଝଳା(କ) ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟକାନ୍ତ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଙ୍କନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସାଲୁକା ସୁନାମାଝି ଏବଂ ସୁଚିତ୍ରା କୁମାରୀ ପ୍ରଧାନ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଜି ଆନ୍ତଃଜିଲ୍ଲା କବାଡ଼ି ପାଇଁ ଖୋର୍ଦ୍ଧା ଦଳ ମନୋନୟନ

ଖୋର୍ଦ୍ଧା,୭।୨(ସମିସ): ଖୋର୍ଦ୍ଧା ଷ୍ଟାଡିୟମଠାରେ ରବିବାର ସକାଳ ୯ଟା ସମୟରେ ଆନ୍ତଃଜିଲ୍ଲା କବାଡି ପ୍ରତିଯୋଗିତା ପାଇଁ ଖୋର୍ଦ୍ଧା ଜିଲ୍ଲା ଆଥଲେଟିକ୍ ଆସୋସିଏଏନ ପୁରୁଷ ଓ ମହିଳା ଦଳ ମନୋନୟନ ପ୍ରତିଯୋଗିତ ଅନୁଷ୍ଠିତ ହେବ। ଏଥିରେ କେବଳ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଆସୋସିଏସନ୍‌ର ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକର ପ୍ରତିଯୋଗିମାନେ ନିଜର ଆଧାର ପ୍ରମାଣପତ୍ର ସହ ଷ୍ଟାଡିୟମ୍‌ଠାରେ ଉପସ୍ଥିତ ରହିବାକୁ ଜିଲ୍ଲା ଆଥଲେଟିକ୍ କ୍ ଆସୋସିଏସନ୍ ସାଧାରଣ ସଂପାଦକ ଉପେନ୍ଦ୍ରନାଥ ଦାସ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ଲବଣଗିରି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଟଣୀ, ୭।୨(ସମିସ): ଜଟଣୀ ବ୍ଲକ ଲବଣଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପୂର୍ବତନ ଶିକ୍ଷକ ଶଙ୍କର ମହାପାତ୍ର ଏବଂ ଶରତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜଟଣୀ ବ୍ଲକ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସମନ୍ତସିଂହାର ମୁଖ୍ୟବକ୍ତା, ସୁଧାଂଶୁ ଶେଖର ହରିଚନ୍ଦନ, ମନୋଜ ନନ୍ଦ, ସନ୍ତୋଷ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବରିଷ୍ଠ ଶିକ୍ଷୟତ୍ରୀ ଦେବସ୍ମିତା ପ୍ରଧାନଙ୍କୁ ଉଲ୍ଲେଖନୀୟ କୃତିତ୍ୱ ପାଇଁ ସମ୍ମାନିତ କରାଯାଇଥିଲା।

## ଗୋରୁ ଗାଡ଼ି ଜବତ, ଚାଳକ ଗିରଫ

ବେଗୁନିଆ, ୭।୨(ସମିସ): ବେଗୁନିଆ ପୁଲିସ ଶୁକ୍ରବାର ଦିନ ଭୋର ସମୟରେ ପାଟ୍ରୋଲିଂ ସାରି ଫେରୁଥିବା ବେଳେ ଜାମୁସାହି ଡିଙ୍ଗର ରାସ୍ତାରୁ ଏକ ପିକଅପ ଭ୍ୟାନରେ ୩ଟି ଗୋରୁ ବୋଝେଇ ହୋଇଥିବା ଜବତ କରିବା ସହ ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ୩ଟି ଗାଡ଼ିରେ ଗୋରୁ ବୋଝେଇ କରି ଚାଲାଣ ହେଉଥିବା ବେଳେ ପୋଲିସ ଗାଡିଟିକୁ ଧରି ଥାନାକୁ ଆଣି ବୋଲଗଡ଼ ଗୋଶାଳା ଜିମା ଦିଆଯାଇଛି କ୍ଷ ଗାଡି ଚାଳକ ଜାମୁସାହିର ଜଗନ୍ନାଥ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ପୁସ୍ତକ 'ସ୍ମୃତିରେ ସ୍ମୃତିରେ' ଉନ୍ମୋଚିତ



ଖୋର୍ଦ୍ଧା, ୭।୨(ସମିସ): ଜଟଣୀ ରାମଚନ୍ଦ୍ରପୁରଠାରେ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଡ. ପ୍ରମୋଦ ଚନ୍ଦ୍ର ଦାଶ ଏବଂ ମଦନ ମୋହନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପଣ୍ଡିତ ରମାକାନ୍ତ ରଥ, ସତ୍ୟବାଦୀ ବଳିୟାର ସିଂହ, ସୁଦର୍ଶନ ମହାପାତ୍ର, ବିନାୟକ ରଥ, ପ୍ରତାପ କୁମାର ପ୍ରଧାନ, ସୁରେଶ କୁମାର ମିଶ୍ର, ହରିହର ସାମନ୍ତରାୟ,ଯୁଧିଷ୍ଠିର ପରିଡା, ଖଗେଶ୍ୱର ମାର୍ଥା, ଜବାହାରଲାଲ ସୁବୁଦ୍ଧି, ତ୍ରିଲୋଚନ ମହାପାତ୍ର, ସୀତାକାନ୍ତ ଶତପଥି, ଶ୍ୟାମସୁନ୍ଦର ତ୍ରିପାଠୀ, ସୁରେଶ ଚନ୍ଦ୍ର ସ୍ୱାଇଁ, ଡ.ସୁକାନ୍ତି ମହାପାତ୍ର, ଆଦୀନାରାୟଣ ଖଣ୍ଡୁଆଳ, ପଦ୍ମନାଭ ପାଣିଗ୍ରାହୀ, ବ୍ରଜବନ୍ଧୁ ନାୟକ, ସତ୍ୟବାଦୀ ସାହୁ, ସୁରେଶ ଚନ୍ଦ୍ର ରଥ, ଶରତ ଚନ୍ଦ୍ର ଦାଶ, ଅମ୍ରିତା ସାମଲ, କାଦମ୍ବିନୀ ସ୍ୱାଇଁ ଙ୍କ ସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ୨୦୦ରୁ ଅଧିକ ପାଲାକାର, ସାହିତ୍ୟିକମାନେ ଭାଗ ନେଇ ମହାନ୍ ଆତ୍ମାର ସ୍ମୃତି ଚାରଣ କରିଥିଲେ।

## ପଦ୍ମନାଭ ବଳିଆରସିଂହଙ୍କ ସ୍ମୃତିସଭା

ଖୋର୍ଦ୍ଧା,୭।୨(ସମିସ): ନିଜିଗଡ଼ ତାପଙ୍ଗର ସମାଜସେବୀ ତଥା କଳିଙ୍ଗ ପାଇକ ସଂଗଠନର କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମନାଭ ବଳିଆରସିଂହଙ୍କ ବିୟୋଗରେ ଏକ ସ୍ମୃତିସଭା ତାଙ୍କର ଏକାଦଶାହ ତିଥିରେ କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି.ରଣ ସଭାରେ କଳିଙ୍ଗ ପାଇକ ସଂଗଠନର କାର୍ଯ୍ୟକାରୀ ସଭାପତି ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ, ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଉପଦେଷ୍ଟା ରମଜାନ୍ ଖାଁ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ଗ୍ରାମର ମୁରବୀ ଭୁବନାନନ୍ଦ ଚହଟରାୟ, ଗତିକୃଷ୍ଣ ସେଠୀ, ପାଲାଗାୟକ ହାଡ଼ିବନ୍ଧୁ ପଣ୍ଡା, ମନୋଜ ରାଉତ, ରମେଶ ଚନ୍ଦ୍ର ବଡ଼ଜେନା, ପ୍ରାଣନାଥ ସାହୁ, ଶୁଭାଙ୍ଗୀ ପାଲଟାସିଂ, ପ୍ରେମାନନ୍ଦ ବଳିଆରସିଂହ, ପ୍ରବୀଣ ବଳିଆରସିଂହ, ପ୍ରଭଞ୍ଜନ ବଳିଆରସିଂହ ଉପସ୍ଥିତ ଥିଲେ। ଦଳବେହେରା ସ୍ମୃତି କମିଟିର ସମ୍ପାଦକ ସଂଗ୍ରାମ କେଶରୀ ଜଗଦେବ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଚିଲିକା ନିର୍ବାଚନ ମଣ୍ଡଳୀ | ଆଣ୍ଠେଇଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା

ବାଲୁଗାଁ, ୭।୨(ସମିସ)



କେନ୍ଦ୍ର ସରକାରଙ୍କ ବହୁ ଆକାଂକ୍ଷିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ସମଗ୍ର ବାଲୁଗାଁ ବାଣପୁର ତଥା ଚିଲିକା ନିର୍ବାଚନ ମଣ୍ଡଳୀରେ ଆଣ୍ଠେଇଛି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସୌରଶକ୍ତି ଉତ୍ପାଦନ ପାଇଁ ଜନସାଧାରଣଙ୍କୁ ବ୍ୟାପକ ସବସିଡ୍ ପ୍ରଦାନ କରୁଛନ୍ତି। ଏହା ସତ୍ତ୍ୱେ ଚିଲିକା ନିର୍ବାଚନ ମଣ୍ଡଳୀରେ ଏହି ଯୋଜନା ନୈରାଶ୍ୟଜନକ ଭାବେ କାଁ ଭାଁ କିଛି ଲୋକଙ୍କ ଘରେ ବସା ଯାଇଛି। ଚିଲିକା ଅଞ୍ଚଳବାସୀଙ୍କୁ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଯୋଗାଣ ପାଇଁ ସରକାରଙ୍କ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ବାଟବଣା ହୋଇପଡିଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘର ଛାତ ଉପରେ ସୋଲାର ପ୍ୟାନେଲ ବସାଇ ସୌରଶକ୍ତି ମାଧ୍ୟମରେ ସ୍ୱଳ୍ପ ଖର୍ଚ୍ଚରେ ମାଗଣାରେ ବିଦ୍ୟୁତ ଶକ୍ତି ପାଇପାରିବାର ଚିଲିକା ନିର୍ବାଚନ ମଣ୍ଡଳୀ ବାସୀନ୍ଦାଙ୍କ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଥିବା ପ୍ରତୀୟମାନ ହେଉଛି। ଓଡିଶାରେ ଏହି ଯୋଜନାରେ ସୋଲାର ପ୍ୟାନେଲ ବସାଇବା ପାଇଁ ଚାରୋଟି ବିତରକଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ରାଜ୍ୟରେ ଦାୟିତ୍ୱରେ ଥିବା ବିଦ୍ୟୁତ କମ୍ପାନୀ ଗୁଡ଼ିକର ଏଥିପ୍ରତି ଅନାଗ୍ରହ ଓ ବେସରକାରୀ ସଂସ୍ଥାପ୍ରତି ଲୋକଙ୍କ ବିଶ୍ୱାସ ଭରସା ପାଉନଥିବା ସହ ସେଭଳି ଆଖି ଦୃଶିଆ ପ୍ରଚାର ପ୍ରସାର ଅଭାବରୁ ଏହି ଯୋଜନା ଅଞ୍ଚଳରେ ଆଗେଇ ନପାରି ଆଣ୍ଠେଇ ଥିବାରୁ ଏଥିପ୍ରତି ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ ପକ୍ଷରୁ ଏ ନେଇ ବିଭିନ୍ନ ସମୟରେ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ଅବଗତ କରା ଯାଉଅଛି। କେତେକ ଆଗ୍ରହୀ ବ୍ୟକ୍ତି ଏଥିପାଇଁ ନିଜ ନିଜ ନାମ ପଞ୍ଜୀକରଣ କରିଛନ୍ତି। ମାତ୍ର ହାତ ଗଣତି ଲୋକ ସୌର ପ୍ୟାନେଲ ବସାଇଛନ୍ତି। ଫଳରେ ଡ଼ବଲ ଇଞ୍ଜିନ ସରକାରଙ୍କ ଏହି କେନ୍ଦ୍ରୀୟ ଯୋଜନା ଚିଲିକା ନିର୍ବାଚନ ମଣ୍ଡଳୀରେ ଫେଲ ମାରିଛି। ସରକାରୀ ନିୟନ୍ତ୍ରିତ ସଂସ୍ଥା ଆଗ୍ରହୀ ନଥିବା ବେଳେ ମାଳ ମାଳ ବେସରକାରୀ ସଂସ୍ଥା ଏହି ଯୋଜନା କାର୍ଯ୍ୟକାରୀ ପାଇଁ ଆଗଭର ହେଉଛନ୍ତି। ତେବେ ସେମାନେ ଲୋକଙ୍କୁ ସବସିଡ଼ି ବାବଦରେ ତଥା ଏହାର ବିଭିନ୍ନ କାର୍ଯ୍ୟକାରୀତା ସମ୍ପର୍କରେ ସଠିକ ଭାବେ ଉପସ୍ଥାପନା ଅଭାବରୁ ସାଧାରଣ ଲୋକଙ୍କ ଭରସା ପାଉନଥିବା ଜଣାଯାଇଛି। ଅନ୍ୟପକ୍ଷେ ଘର ଛାତ ଉପରେ ସୋଲାର ପ୍ୟାନେଲ ବସା ଯାଇଥିଲେ, ତା ଉପରେ ବଜ୍ରପାତ ଯୋଗୁଁ ବିଦ୍ୟୁତ ସଟସର୍କିଟ ହୋଇ ବହୁ କ୍ଷୟକ୍ଷତି ଘଟିବାର ଭୟ ରହିଥିବାରୁ ବହୁ ଜନସାଧାରଣ ଆଗ୍ରହ ଦେଖାନାହାନ୍ତି । ଏଥିପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ ଦିଗରେ କାର୍ଯ୍ୟ କରାଗଲେ ସୋଲାର ପ୍ୟାନେଲ ବସାଇବା ପାଇଁ ଲୋକେ ଆଗଭର ହେବେ ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଂଜିନ ବିଜେପି ସରକାର ରହିଥିବା ବେଳେ ଗତ ସାଧାରଣ ନିର୍ବାଚନୀ ଇସ୍ତାହାରରେ ୩ଶହ ୟୁନିଟ୍ ମାଗଣାରେ ବିଦ୍ୟୁତ ଯୋଗାଣକୁ ପ୍ରସଙ୍ଗ କରି ବିରୋଧି ଦଳ ବାରମ୍ବାର ସମାଲୋଚନା କରିଆସୁଥିବା ସହ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେଣୁ କାହିଁକି ଏହି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହୋଇପାରୁ ନାହିଁ, ତାହା ବିଚାରଯୋଗ୍ୟ। ସରକାର ଓ ଜିଲ୍ଲା ପ୍ରଶାସନ ଏହି ଦିଗରେ ଦୃଷ୍ଟି ଦେବାକୁ ସର୍ବସାଧାରଣରେ ଦୃଢ଼ ଦାବୀ ହେଉଛି।

